Volume 01 | Issue 02 | October 2022

କଳିଙ୍ଗ ପୋଷ୍ଟ

The Kalinga Post

Sense & Sensible

RNI Title Code: ODIMUL00843
Print Code: 2019042441

ଶାରଦୀୟ ବିଶେଷାଙ୍କ

Address:

Kalinga Post
Arad Bazar, Parida Colony
Balasore, Pin - 756001

Contact Details:

Mail Id: thekalingapost@gmail.com
Contact No: 9777229040

www.thekalingapost.in

মাসিক সম্বাদ পত্রিকা

The Kalinga Post

কলিঙ্গ পোষ্ট

উপদেষ্টা

ফাদর জোজো সিভি

Advisor

Fr. Jojo CV

প্রতিষ্ঠাতা / প্রকাশক / সম্পাদক

সংগ্রাম কেশরী পরিডা

Founder / Publisher / Editor

Sangram Keshari Parida

কার্য্যকারী সম্পাদক

তুষারকান্তি তপস্বী

Executive Editor

Tusharkanti Tapaswi

সহ সম্পাদক

সাগর জেনা

Associate Editor

Sagar Jena

Registered Office

Parida Colony
Arad Bazar
Balasore - 756001

Editorial Office

BISWAS, Kalidashpur
Near Basanti Mandap
Contact No: 9777229040,
06782-296212

Monthly News Megazine

কলিঙ্গ পোষ্ট

RNI Title Code: ODIMUL00843 Print code : 2019042441

VOLUME - 01, ISSUE - 02, October- 2022 প্রথম বর্ষ, ২য় সংখ্যা, অক্টোবর - ২০২২

সূচীপত্র

বড়কথা:

দূর্গতি নাশিনী মা দূর্গা ০৫

সংস্কৃতি:

পশ্চিম ওডিশার শ্রীক্ষেত্রে
শ্রী দধীবামন মহাপ্রভুঙ্ক নবগুঞ্জর রথযাত্রা ০৪

গল্প:

মুঁ গোপীনাথঙ্ক বর্গছ ৯০

মুঁ, বস্তিপিলা এবং অলিআ ৯৯

প্রবন্ধ:

বিকাশ! এক আবিষ্কার ৯৬

করোনা ও নিঃসঙ্গতা ৯৬

একবিংশ শতাব্দীর প্রগতিবাদী মানব সমাজ ৯৮

ব্যক্তিত্ব:

অক্ষয় মহান্তি (খোকা ভাই) ৯৪

কবিতা: ৯৩

চিত্রকলা ৯৯

English Section

Who am I? ৯৯

Still Remaining Hundreds of Mile ৯৯

Laws of Life What You Need to Keep in Mind ৯০

Darkness ৯৯

ସମ୍ପାଦକଙ୍କ କଲମରୁ....

ପ୍ରିୟ ପାଠକ ଗଣ,

ଆମର ସଂସ୍କୃତି ଅତି ପୁରାତନ । ଆମ ଦେଶର ଉତ୍ସବ ପର୍ବ ପର୍ବାଣୀ ପୌରାଣିକ ଗାଥା ଅନ୍ତରାଳରେ ଆଧ୍ୟାତ୍ମିକ ସନ୍ଦେଶ ଲୁଚି ରହିଛି । ମାନବ ଜାତିକୁ ସାଥ ପଥରେ ପରିଚାଳିତ କରିବାକୁ ମୁନି ଋଷି ତପସ୍ୱୀଗଣ ନାନା ପ୍ରକାର କାହାଣୀ ରଚନା କରିଯାଇଛନ୍ତି ।କାହାଣୀ ପଛରେ ଥିବା ମୂଲ୍ୟବୋଧ, ନୈତିକତା, ଓ ଆଧ୍ୟାତ୍ମିକ ଚେତନାର ଭାବଧାରା ଆଜିର ମାନବ ଭୁଲିଯାଇଛି । ସମାଜକୁ ଦିଗ୍ଦର୍ଶନ ଦେବାକୁ ପ୍ରତୀକାତ୍ମକ ଭାବରେ ମାନବର ଆସୁରିକ କୁପ୍ରବୃତିକୁ ଦୂର କରିବା ପାଇଁ ଈଶ୍ୱରୀୟ ଶକ୍ତିର ଆବଶ୍ୟକତାକୁ ଚିତ୍ର, ଗଳ୍ପ, ଗାଥା ମାଧ୍ୟମରେ ଦର୍ଶାଇଛନ୍ତି । ଆଜିର ମାନବ ଓ ପର୍ବପର୍ବାଣୀ ପ୍ରଚଳଣର ବାସ୍ତବିକତାକୁ ଭୁଲି ଏହା ଯେ କେବଳ ମଉଜ ମଜଲିସ୍‌ର ଉତ୍ସ ଏହା ଭାବି ବିଳାଶପୁର୍ଣ ଭାବେ ଉପଭୋଗ କରିଚାଲିଛି ।

ଶାରଦୀୟ ଦୁର୍ଗା ପୂଜା ମଧ୍ୟ ଏକ ପ୍ରତୀକାତ୍ମକ ରହସ୍ୟ ଭରା ପର୍ବ । ଅନ୍ୟାୟ ଉପରେ ନ୍ୟାୟ, ସତ୍ୟ ଉପରେ ଅସତ୍ୟ, ଆସୁରିକ ସ୍ୱଭା ଉପରୀ ଦୈବୀ ଗୁଣର ବିଜୟର ସନ୍ଦେଶ ବାହକ । ଆଜିର ସଂସାରରେ ଜନ ଗଣ ମନରେ ଆତଙ୍କ ସୃଷ୍ଟି କରିଛି ଦେହ ଅଭିମାନ । ଯାହାର ପରିପ୍ରକାଶ ହେଉଛି କାମ କ୍ରୋଧ, ଲୋଭ, ମୋହ, ଅହଂକାର ରୂପରେ । ପରିଣାମରେ ହିଂସା, ଦ୍ୱେଷ, ଦରିଦ୍ର ଆତଙ୍କ ଅତ୍ୟାଚାର, ନାରୀ ନିର୍ଯାତନାରେ ସଂସାର ନରକ ତୁଲ୍ୟ ହୋଇଯାଇଛି । ଏହି ସମସ୍ତ ଆସୁରିକ ଗୁଣର ଶ୍ରେଷ୍ଠ ନିଦର୍ଶନ ହେଉଛି ପ୍ରବଳ ପ୍ରତାପୀ ମହିଷାସୁର । ମହିଷ ପଶୁ ଆଳସ୍ୟର ପ୍ରତୀକ । ଜୀବନ୍ତ ମଣିଷ ମଧ୍ୟରେ ଆଳସ ପ୍ରବେଶ କରିଲେ ତାର ପ୍ରଗତି ପଥ ଅବରୋଧ ହୋଇଯାଏ । ଫଳରେ କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାରର ବଶବର୍ତୀ ହୋଇ ମାନବ ବଦଳରେ ଦାନବ ପାଲଟିଯାଏ । ସମସ୍ତ ପ୍ରକାର ମାନବୀୟ ଈଶ୍ୱରୀୟ ଗୁଣ ନଷ୍ଟ ହୋଇଯାଏ । ତାର ଉନ୍ନତିର ପଥ ଅବରୋଧ ହୁଏ । ମହିଷ ପଶୁତୁଲ୍ୟ ହୋଇଯାଏ । ଦୁର୍ଗା ପୂଜାରେ ନବ ଦେବୀର ପୂଜା କରାଯାଏ । ଆତ୍ମାର ନିଜସ୍ୱ ଧର୍ମ ସୁଖ, ଶାନ୍ତି, ଆନନ୍ଦ, ଉତ୍ସଗ, ଉତ୍ସାହ, ପବିତ୍ରତା, ଜ୍ଞାନ ଶକ୍ତି ଆଦିକୁ ଏକ ଏକ ଦେବୀର ରୂପ ଦିଆଯାଇଥାଏ । ଯେପରି ଲକ୍ଷ୍ମୀ, ଶୀତଳ, ସନ୍ତୋଷୀ, ଉମା, ବୈଷ୍ଣବୀ, ସରସ୍ୱତୀ, ଦୁର୍ଗା, କାଳୀ ଆଦି । ଯେତେବଳେ ନ' ଦିନ ବ୍ୟାପି ଭକ୍ତ ଶୁଦ୍ଧ ଅନ୍ନ, ଉପବାସ ଓ ଉଜାଗର ରହି ମା ଙ୍କ ସ୍ତୁତିରେ ଥାନ୍ତି, ସେତେବେଳେ ସ୍ୱାଭାବିକ ଭାବେ ଆତ୍ମାରେ ଦିବ୍ୟତା ବା ଦିବ୍ୟଗୁଣ ଜାଗ୍ରତ ହୋଇଥାଏ । ଦିବ୍ୟତା ଜାଗ୍ରତ ହେଲେ ମାନବ ଦୁର୍ଗା ତୁଲ୍ୟ ହୋଇଥଯାଏ ।

ଏହି ଦୁର୍ଗା ପୂଜା ଉପଲକ୍ଷେ ଆପଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସେ ହିଁ ଅନନ୍ତ ବିଶ୍ୱର ଜନନୀ । ସେ ହିଁ ବିଶ୍ୱ ରେ ଜ୍ଞାନ, ଧାନ୍ୟ ର ନବଜାଗରଣ, ସେହି ମା ଙ୍କ ସାର୍ବଜନୀନ ପୂଜା ଉପଲକ୍ଷେ ଆମେ ଆପଣ ଙ୍କ ପାଇଁ "ଦି କଳିଙ୍ଗ ପୋଷ୍ଟ" ର ଶାରଦୀୟ ବିଶେଷଙ୍କ ନେଇ ଆସୁଛୁ । ଏହା ପାଠକ ଓ ଲେଖକ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ସୁଯୋଗ ଦେବାରେ ସଫଳ ହୋଇପାରିବ ବୋଲି ମୋର ଆଶା । ତେଣୁ ଜନ ଜାଗରଣ ର ଏକ ଛୋଟ ପ୍ରଚେଷ୍ଟା କରୁଅଛି ଏହି ପ୍ରୟାସ କୁ ସଫଳ କରିବା ପାଇଁ ଆପଣ ସଭିଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଏହି ପରି ଆଗାମୀ ଦିନରେ ଆପଣଙ୍କ ସହଯୋଗ କାମନା କରୁଛୁ ।




ଧନ୍ୟବାଦ

ଫଗ୍ରାମ କେଶରୀ ପରିଡା

ସମ୍ପାଦକ

ଦୁର୍ଗତି ନାଶିନୀ ମା ଦୁର୍ଗା



ଉପସ୍ଥାପନା:

ଚନ୍ଦନ କୁମାର ନାଥ

ବାରିପଦା, ମୟୁରଭଞ୍ଜ, ଓଡ଼ିଶା

ଆମ ଦେଶରେ ଶାରଦୀୟ ଦୁର୍ଗାପୂଜା ଏକ ବିଶିଷ୍ଟ ପର୍ବ, ଏହି ପର୍ବକୁ ପାର୍ବଣ ବା ସାର୍ବଜନୀନ ଉତ୍ସବ ମଧ୍ୟ କୁହାଯାଏ । ଜାତି, ଧର୍ମ, ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତେ ଏକାକାର ହୋଇ ଏହି ପର୍ବରେ ମା ଦୁର୍ଗାଙ୍କୁ ଆବାହନ କରିଥାନ୍ତି ଏବଂ ମା ଦୁର୍ଗାଙ୍କ ଆଗମନକୁ ସମସ୍ତେ ସ୍ୱାଗତ କରିଥାନ୍ତି । ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ନବମୀ ପର୍ଯ୍ୟନ୍ତ ନବରାତ୍ର ପୂଜା ସମ୍ପାଦନ କରାଯାଏ । ନଅ ଦିନ ଧରି ଅନୁଷ୍ଠିତ ଏହି ପର୍ବରେ ଦେବୀ ଦୁର୍ଗାଙ୍କ ନଅଟି ରୂପକୁ ପୂଜା କରାଯାଏ, ଏହାକୁ ହିଁ ନବରାତ୍ରୀ ବୋଲି କୁହାଯାଏ । ନବରାତ୍ରୀରେ ଦେବୀ ଦୁର୍ଗାଙ୍କୁ ଶ୍ରଦ୍ଧାର ସହ ପୂଜା କଲେ ଉପାସକ ନବଶକ୍ତି ପ୍ରାପ୍ତ ହୋଇଥାଏ । ତେଣୁ ଏହି ପର୍ବକୁ ଶକ୍ତି ଉପାସନାର ପର୍ବ ମଧ୍ୟ କୁହାଯାଏ । ନବରାତ୍ରୀ ପରଦିନ ଅର୍ଥାତ ଶେଷ ଦିନଟିକୁ ଦଶହରା କିମ୍ବା ବିଜୟା ଦଶମୀ କୁହାଯାଏ । ଶାସ୍ତ୍ର ଅନୁସାରେ କୁହାଯାଏ ଦୁର୍ଗାପୂଜା ପାଳନ କଲେ ଦଶ ଦୋଷରୁ ମୁକ୍ତି ମିଳେ, ତେଣୁ ଏହାର ନାମ ଦଶହରା । ତେବେ ଏହି ଦଶହରା ବା ବିଜୟା ଦଶମୀ ପାଳନ ପଛରେ ଏକ ପୌରାଣିକ କଥା ଅଛି । ମହିଷାସୁର ନାମରେ ଜଣେ ଅସୁର ଥିଲା, ସେ ତା'ର କଠିନ ତପସ୍ୟା ବଳରେ ବ୍ରହ୍ମ ଦେବଙ୍କୁ ପ୍ରସନ୍ନ କରି ଅମରତ୍ୱ ବର ପ୍ରାପ୍ତ କରିଥିଲା । ତ୍ରିଲୋକକୁ ଯାଇ ସ୍ୱର୍ଗପୁର ଜୟ କରିବା ପାଇଁ ଦେବ ଗଣଙ୍କୁ ଆକ୍ରମଣ କରିବାକୁ ଲାଗିଲା । ଦୁଷ୍ଟ ମହିଷାସୁର ଅସୁରର ଅତ୍ୟାଚାର ଅସହ୍ୟ ହେବାରୁ ସେଇ ଆକ୍ରମଣରୁ କେମିତି ରକ୍ଷା ପାଇବେ ନିରୁପାୟ ହୋଇ ବ୍ରହ୍ମାଙ୍କ ପାଖକୁ ଯାଇ ସମସ୍ତ କଥା ଜଣାଇଲେ ଏବଂ ବ୍ରହ୍ମା ନିଜର ସମସ୍ତ ଶକ୍ତିକୁ ଏକାଠି କରି ଜଣେ ସୁନ୍ଦର ଦେବୀଙ୍କୁ ସୃଷ୍ଟି କଲେ । କାରଣ କେହି ଯଦି ଏହି ଦୁଷ୍ଟ ଅସୁରର ବିନାଶ କରିପାରିଥାନ୍ତେ ତେବେ ସେ ହେଉଛନ୍ତି ଜଣେ ସୁନ୍ଦରୀ ଦେବୀ । ଦେବ ଗଣଙ୍କ ଦୁର୍ଗତି କାଳରେ ଅତ୍ୟାଚାରୀ ଅସୁରର ବିନାଶ କରିବା ପାଇଁ ଦେବୀ ମା ଜନ୍ମ ନେଇଥିବାରୁ ଏହି ଦେବୀଙ୍କର ନାଁ ରଖାଗଲା 'ଦୁର୍ଗା' ଦେବୀ ଦୁର୍ଗତି ନାଶିନୀ ।



ତେବେ ଦେବୀଙ୍କର ଯୁଦ୍ଧ ପାଇଁ ବ୍ରହ୍ମା ନିଜର କମଣ୍ଡୁଳ, ବିଷ୍ଣୁଙ୍କର ସୁଦର୍ଶନ ଚକ୍ର ଏବଂ ମହାଦେବଙ୍କ ତ୍ରିଶୂଳ ପ୍ରଦାନ କରିଥିଲେ । ସମସ୍ତ ଦେବା ଦେବୀ ମଧ ନିଜ ନିଜର ଅସ୍ତ୍ର ଶସ୍ତ୍ର ପ୍ରଦାନ କଲେ । ଦୁର୍ଗା ସମସ୍ତ ଅସ୍ତ୍ର ଶସ୍ତ୍ର ଧାରଣ କରି ମହିଷାସୁର ସହ ଯୁଦ୍ଧ କରିବାକୁ ବାହାରି ପଡିଲେ ଦୈତ୍ୟ ଲୋକ । ତେବେ ଏହି ଯୁଦ୍ଧ ନଅ ଦିନ ଧରି ଚାଲିଥିଲା । ଦେବୀ ଦୁର୍ଗା ନଅ ଦିନ ନଅ ରୂପ ଧାରଣ କରିଥିଲେ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ । ତେବେ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣରେ ରାତ୍ରିର ଅନ୍ଧକାର ସହ ମହିଷାସୁର ଏବଂ ଅସୁର ବଂଶର ନିପାତ କରିଥିଲେ । ଫଳରେ ତ୍ରିଲୋକରୁ ଅମଙ୍ଗଳର ଛାୟା ଦୁରୀଭୂତ ହୋଇଥିଲା । ଏକଦା ମା ଦୁର୍ଗା ମହିଷାସୁର ସମେତ ଅସୁର ବଂଶରୁ ବିଜୟ ପାଇ ସମସ୍ତ ଦେବଗଣଙ୍କୁ ରକ୍ଷା କରି ପାରିଥିଲେ ତେଣୁ ତାଙ୍କୁ ମହିଷମର୍ଦ୍ଦିନି ମଧ କୁହାଯାଏ । ସମସ୍ତ ଦେବା ଦେବୀ ଦଶ ଦିନରେ ଆନନ୍ଦରେ ବିଜୟ ଉତ୍ସବ ପାଳନ କରିଥିଲେ, ଯାହାକୁ ବିଜୟା ଦଶମୀ କୁହାଯାଏ । ରାମାୟଣରେ ମଧ ଏହି ଦିନଟିରେ ପ୍ରଭୁ ଶ୍ରୀରାମ ମାତୃଶକ୍ତି ବନଦୁର୍ଗାଙ୍କୁ ପୂଜା କରି ରାବଣକୁ ବଧ କରିବା ପାଇଁ ଲଙ୍କା ଅଭିମୁଖେ ବିଜୟ ଯାତ୍ରା ଆରମ୍ଭ କରିଥିଲେ । ରାବଣକୁ ବଧ କରିବା ସହ ସୀତାଙ୍କୁ ଫେରାଇ ଆଣିଥିଲେ । ତେଣୁ ଏହି ଦିନଟିକୁ ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର ବିଜୟ ଉତ୍ସବ ରୂପେ ପାଳନ କରାଯାଏ । ନାରୀର ସମ୍ମାନ ମାନ ମର୍ଯ୍ୟାଦା ରକ୍ଷା ଏହି ପର୍ବର ଅନ୍ୟତମ ଆଭିମୁଖ୍ୟ । କାରଣ ଏହି ନାରୀ ଯିଏ କି ସୃଷ୍ଟି କର୍ତ୍ତା ଯାହାଠାରୁ ସୃଷ୍ଟି ଆରମ୍ଭ ହୁଏ ତାହାର ଏ ଜଗତରେ ତୁଳନା ନାହିଁ । ମା ଦୁର୍ଗା ଭଳି ସମାଜରେ ଏହି ନାରୀର ଅନେକ ରୂପ ରହିଛି ତାହା ବର୍ଣ୍ଣନା କରିବା ସହଜସାଧ ନୁହେଁ । କେବେ ସେ ମା ଦୁର୍ଗା ତ କେବେ ସେ ମା ଲକ୍ଷ୍ମୀ, କେବେ ସେ ମା ସରସ୍ୱତୀ ତ କେବେ ସେ ନାରାୟଣୀ । ଜନନୀ ହେଉ ବା ଭଗିନୀ, ଜାୟା ହେଉ ବା ପ୍ରଣୟନୀ ସମସ୍ତେ ନାରୀ ସମାଜରେ ପ୍ରେମ ଓ ତ୍ୟାଗର ମୂର୍ତିମନ୍ତ ପ୍ରତୀକ । ଜନନୀ ଭଗିନୀ ଆଉ ଜାୟା ରୂପରେ ଗୋଟିଏ ସଂସାରରେ ହେଉ ଅବା ସମାଜରେ ସୁନ୍ଦର ସଂସ୍କାର ସଂସ୍କୃତି ପରମ୍ପରାକୁ ଜାବୁଡି ଧରି ସୁସ୍ଥ ଶୃଙ୍ଖଳିତ ସମାଜ ଗଠନ ଦିଗରେ ନାରୀର ଭୂମିକା ଅନେକ ଗୁରୁତ୍ୱ ପୂର୍ଣ୍ଣ । ଦୁର୍ଗା ମାଙ୍କ ପରି ବିଭିନ୍ନ ରୂପରେ ନାରୀଟିଏ ତାର କର୍ତବ୍ୟ କରିଆସୁଅଛି । କେବେ ମା ରୂପରେ ତ କେବେ ସ୍ତ୍ରୀ ରୂପରେ ତ କେବେ ଭଉଣୀ ରୂପରେ ଏମିତି ଅନେକ ରୂପରେ ପରିବାରର ସମସ୍ତଙ୍କ ଯତ୍ନ ନେଉଅଛି । ଖାଲି ଯେ ପାରିବାରିକ ତା ନୁହେଁ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ କ୍ଷେତ୍ରରେ ମଧ ବର୍ତମାନ ନାରୀର ସଫଳତା ପୁରୁଷଙ୍କ ଠାରୁ କିଛି କମ ନୁହେଁ । ଆଉ ଆଜିର ସମାଜରେ ନାରୀଜାତିର ଅବଦାନ ଅନେକ ଥାଇ ମଧ ସେହି ନାରୀ ପୁଣି ଅବହେଳିତ, ପୀଡ଼ିତ, ଜର୍ଜରିତ । କାହିଁକି ନା ଗୋଟିଏ ପଟେ ମୂର୍ତି ଦୁର୍ଗା ପୂଜା ପାଉଥିବା ବେଳେ ଜୟ ଜୟ କାର ହେଉଥିବା ବେଳେ କାହିଁକି ଅନ୍ୟପଟେ ହେଉଛି ଜୀବନ୍ତ ଦୁର୍ଗା ପ୍ରତି ଶୋଷଣ ଓ ଅତ୍ୟାଚାର । ଗୋଟିଏ ପଟେ ତ୍ରେତୟା ଯୁଗରେ ମା ଦୂର୍ଗାଙ୍କ ଦ୍ୱାରା ମହିଷାସୁର ପ୍ରାଣ ହାରିଥିବା ବେଳେ, ଅନ୍ୟପଟେ ଆଜିର କଳୁଷିତ ସମାଜରେ ମହିଷାସୁର ରୂପୀ ପୁରୁଷ ଦ୍ୱାରା ଶୋଷଣର ଶିକାର ହୋଇ ଜୀବନ ହାରୁଛି ନାରୀ । ଆଉ ଗୋଟିଏ ପଟେ ରାମାୟଣରେ ରାବଣ ସୀତାଙ୍କୁ ଅପହରଣ କରିଥିଲା ସତ ହେଲେ ତାଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର କରି ନ ଥିବା ବେଳେ, ଅନ୍ୟ ପଟେ ଆଜିର କଳୁଷିତ ସମାଜରେ ରାବଣ ରୂପୀ ପୁରୁଷ ଗୋଟେ ନାରୀକୁ ଦୁର୍ବ୍ୟବହାର କରିବା ସହ ଅପହରଣ କରି ଦୁଷ୍କର୍ମ ଆଉ ଶେଷକୁ ହତ୍ୟା ଭଳି ପାପର ଭାଗିଦାର ହେଉଛନ୍ତି । ଏଇଠି ଦେଖିବାକୁ ଗଲେ କାହାର ଦୋଷ କେତେ ? କାହାର ପାପ କେତେ ? କାଲିର ରାବଣର ନା ଆଜିର ରାବଣର ? ତେବେ କାଲିର ରାବଣର ତ ପାପର ପ୍ରାୟଶ୍ଚିତ ହୋଇ ସାରିଛି ଏବଂ ରାମାୟଣର ପୂର୍ଣ ସମାପ୍ତି ହୋଇ ସାରିଛି । ଖାଲି ରହିଯାଇଛି ରାବଣ ପରାଜୟ ଏବଂ ଶ୍ରୀରାମ ବିଜୟ ଉତ୍ସବ । ପ୍ରତି ବର୍ଷ ବିଜୟା ଦଶମୀରେ ଅନେକ ଜାଗାରେ ରାବଣ ପୋଡି ଉତ୍ସବ ପାଳନ କରାଯାଏ । ଦଶହରା ପୂଜା ଭିଡ଼ ଯେତିକି ତା ଠାରୁ କେତେ ଗୁଣ ଅଧିକ ଭିଡ଼ ଦେଖାଦେଇଥାଏ ରାବଣ ପୋଡିରେ । ହାତ ତିଆରି ରାବଣର କୁଶ ପୁତଳିକା ଖୋଲା ପଡିଆ ମଝିରେ ଠିଆ କରାଇ ତା ଦେହରେ ଅଗ୍ନି ସଂଯୋଗ କରି ଜାଳି ପୋଡି ପାଉଁଶ କରିବା ପର୍ଯ୍ୟନ୍ତ ଖୁବ ମଜା ନିଅନ୍ତି ସମସ୍ତେ ।



ଗୋଟେ କଥା ମନକୁ ଆସେ ରାବଣର ଭୁଲ ଖାଲି ଏତିକି ଥିଲା ତ ଯେ ତା ଭଉଣୀ ସୂପଣଖାର ପ୍ରତିଶୋଧ ନେବାକୁ ରାମଚନ୍ଦ୍ରଙ୍କ ପତ୍ନୀଙ୍କୁ ଅପହରଣ କରି ନେଇଥିଲା । ହେଲେ ସମସ୍ତଙ୍କୁ ଏହା ମଧ୍ୟ ଜଣା ଯେ ରାବଣ ସୀତାଙ୍କୁ ହାତ ଲଗାଇନଥିଲା କିମ୍ବା କିଛି ପ୍ରକାରର ଦୁର୍ବ୍ୟବହାର ମଧ୍ୟ କରିନଥିଲା । ପ୍ରତିବଦଳରେ ସମ୍ମାନର ସହ ଅଶୋକବନରେ ନେଇ ରଖିଥିଲା । ସେ ଜଣେ ଜ୍ଞାନୀ ପଣ୍ଡିତ ବ୍ରାହ୍ମଣ କୌଣସି ବଡ଼ ଖରାପ ଗୁଣ ତା ଭିତରେ ନଥିଲେ ମଧ୍ୟ କେବଳ ଟିକିଏ ଭୁଲ ପାଇଁ ଶ୍ରୀରାମଚନ୍ଦ୍ରଙ୍କ ହାତରେ ନିଜ ପ୍ରାଣ ହରାଇ ବସିଲା । ଏତକି ନୁହେଁ ତା ପରେ ମଧ୍ୟ ପ୍ରତି ବର୍ଷ ରାବଣର କୁଶ ପୁତଳିକା ଦହନ କରା ଯାଉଛି । ଯଦି ପୌରାଣିକ କଥାରେ ଏପ୍ରକାର ହୋଇପାରେ ତେବେ ଆଜିର କଥା ଟିକେ ଚିନ୍ତାର ବିଷୟ । ଆଜିର ସମାଜରେ ମହିଷାସୁର ଏବଂ ରାବଣ ରୂପୀ ଅନେକ ଏମିତି ଦୁଷ୍ଟ ପାପୀ ରହିଛନ୍ତି ଯେ ତାଙ୍କ ଦୋଷର ଶାସ୍ତି ପାଇଁ ସମୟ ଲାଗୁଛି ତ ଆଉ କୋଉଠି କେହି ନିଶ୍ଚିନ୍ତ ହୋଇ ଘୁରି ବୁଲୁଛି । ପ୍ରଶ୍ନ ଉଠେ ଏମିତି କାହିଁକି ହେଉଛି ? ଯଦି ମା ଦୁର୍ଗା ଏବଂ ସୀତାଙ୍କ ପରି ଆଜି ନାରୀ ଜାତିର ସମ୍ମାନ ଓ ସ୍ୱାଧୀନତାକୁ ପ୍ରଥମ ଦୃଷ୍ଟି ଦିଆଯାଏ ତେବେ ତାଙ୍କ ସୁରକ୍ଷା ଓ ନ୍ୟାୟ ନିମନ୍ତେ ସରକାରଙ୍କ ପାଖରେ ଯେତେ ଆଇନ କାନୁନ ଅଛି ତାହା ଅତ୍ୟାଚାରୀ ଏବଂ ଦୋଷୀଙ୍କ ବିରୁଦ୍ଧରେ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଅବସନ୍ଧାବି । ନହଲେ ଆମ ସମାଜରେ ନର ରୂପୀ ରାକ୍ଷସ ହୁ ହୁ କରି ବଢ଼ିବାରେ ଲାଗିବେ । ପୋଲିସ ପ୍ରଶାସନିକ କ୍ଷମତା ଉପରେ ସମସ୍ତଙ୍କର ଭରଷା ଉଠିଯିବ ଏବଂ ସମସ୍ତେ ନିଜ ସୁରକ୍ଷାର ବ୍ୟବସ୍ଥା ନିଜ ହାତକୁ ନେବେ । ଆଉ ଯେଉଁ ନାରୀଙ୍କୁ ଭାବୁଛ ଅବଳା କିମ୍ବା ଦୁର୍ବଳା ସେହି ନାରୀ ନିଜ ସୁରକ୍ଷା ପାଇଁ ଦିନେ କରିବେ ସଂହାର । କାରଣ ଏହି ନାରୀ ଜାତି ହେଲେ ମା ଦୁର୍ଗା ସ୍ୱରୂପୀ ଶକ୍ତିସ୍ୱରୂପିଣୀ ଯାହାଙ୍କ ଠାରୁ ଏ ସୃଷ୍ଟିର ଆରମ୍ଭ ଦରକାର ପଡ଼ିଲେ ସୃଷ୍ଟି କର୍ତ୍ତାରୁ ସଂହାର କର୍ତ୍ତା ହେବାକୁ ଅଧିକ ସମୟ ଲାଗିବ ନାହିଁ । ଆଜିର ସମାଜରେ ମାନସିକତା ପରିବର୍ତ୍ତନର ନିହାତି ଆବଶ୍ୟକତା ରହିଛି । ଭାବିବା ଦରକାର ମା ଦୁର୍ଗା ଯେଉଁଠି ପୂଜା ପାଇପାରୁଛନ୍ତି ସେଇଠି ଗୋଟେ ନାରୀ କାହିଁକି ଅବହେଳିତ, ପୀଡ଼ିତ, ଜର୍ଜରିତ । ନାରୀଟିଏ ଆଜିର ସମାଜରେ ପୁରୁଷଙ୍କୁ ନେଇ ବେଳେ ବେଳେ ସେତିକି ସମ୍ମାନିତ ଓ ସୁରକ୍ଷିତ ମନେ କରିପାରୁନାହିଁ କାହିଁକି ? କାହିଁକି ନା ଆମେ ଜ୍ଞାତରେ ହେଉ ବା ଅଜ୍ଞାତରେ ଆମ ଦୋଷକୁ ଦେଖିପାରୁ ନାହୁଁ ଯେତେବେଳେ କି ପରାଜିତ ବା ମୃତ ରାବଣର ଦୋଷକୁ ଭଲ ଭାବରେ ଦେଖିପାରୁଅଛୁ କାରଣ ପ୍ରତି ବର୍ଷ ଦଶହରାରେ ରାବଣ ପୋଡି ଉତ୍ସବ ମନାଉଛୁ । ହେଲେ ଥରୁଟିଏ ରାବଣ ପୋଡିର ଅର୍ଥ ବୁଝିବା ଦରକାର ନହଲେ ଆମ ଭିତରେ ଲୁଚି ରହିଥିବା ଦୋଷକୁ କାଢି ପାରିବା ନାହିଁ । ରାବଣ ପୋଡିର ଅର୍ଥ ରାବଣ ରୂପକ ପ୍ରକୃତିକୁ ନଷ୍ଟ କରିବା ଏବଂ ମନକୁ ନିୟନ୍ତ୍ରିତ କରି ଇନ୍ଦ୍ରିୟ ସଂଯମୀ ହେବା । କାମ କ୍ରୋଧ ମୋହ ମାୟାକୁ ତ୍ୟାଗ କରି ସମସ୍ତଙ୍କୁ ସମ୍ମାନ ଦେବା । ନାରୀ ଜାତିଙ୍କ ସ୍ୱାଧୀନତା ଓ ସୁରକ୍ଷା ନିମନ୍ତେ ଦାୟିତ୍ୱ ନେବା । ଯଦି ଆମେ ଆମର କିଛିଟା ଦୋଷକୁ ବୁଝିପାରି ଆମ ଭିତରେ ଥିବା ଜୀବନ୍ତ ରାବଣକୁ ଜୀଅନ୍ତା ଜାଳିପାରିବା ତାହାଲେ ଯାଇ ରାବଣ ପରାଜିତ ହେବାର ଉତ୍ସବ ଧୁମଧାମ ମନାଇବାରେ କୌଣସି ଅସୁବିଧା ନାହିଁ । କେବଳ ଯେ ଦଶହରା ସମୟରେ କୁମାରୀଙ୍କୁ ପୂଜା କରିବା ନାରୀଙ୍କୁ ସମ୍ମାନ ଦେବା ତା ନୁହେଁ ପ୍ରତି ଦିନ ସମାଜରେ ତାଙ୍କ ମହତ୍ୱପୂର୍ଣ୍ଣ ଭୂମିକାକୁ ବୁଝି ତାଙ୍କୁ କେବେ ଅବହେଳା ନକରି ସମ୍ମାନ ଓ ସୁରକ୍ଷା ଦେବା ଆମର ପ୍ରଧାନ ଅଧିକାର ହେବା ଆବଶ୍ୟକ । ଆଉ ଗୋଟେ ନାରୀ ମଧ୍ୟ ସମାଜରେ ନିଜ ସଂସ୍କାର ମୁତାବକ ଉଚିତ ବ୍ୟବହାର ଶିଖିବା ଦରକାର ଯଦ୍ୱାରା କି ସେ ନିଜକୁ ଅବହେଳିତ ମନେ ନ କରି ସମ୍ମାନିତ ଓ ସୁରକ୍ଷିତ ବୋଲି ମନେ କରିବ । ସମାଜରେ ନିଜ ସମ୍ମାନକୁ ଜଗି ସମସ୍ତେ ନିଜର କର୍ତବ୍ୟ କରିବା ଦରକାର । କାରଣ ଆଜିର ସମାଜରେ ଯାହାର ଯେତେ ସମ୍ମାନ ତାହାର ସେତେ ପୂଜା । ପ୍ରତିଟି ନର ନାରୀଙ୍କ ଭିତରେ ଦେବା ଦେବୀ ଅଛନ୍ତି ସେମାନେ ମଧ୍ୟ ସମ୍ମାନ ଏବଂ ପୂଜା ପାଇବାର ଅଧିକାରୀ । ଏହାକୁ ବୁଝି ସମାଜରେ ଚାଲିବା ପାଇଁ କେବଳ ଟିକେ ମାନସିକତାର ପରିବର୍ତ୍ତନ ଦରକାର । ତାହାଲେ ଚାଲନ୍ତୁ ଏଇ ସମ୍ମାନର ଚିନ୍ତାଧାରା ସହ ସମାଜରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବା । ଏକ ଶୃଙ୍ଖଳିତ ସୁନ୍ଦର ସମାଜ ଗଢି ସମସ୍ତେ ଏକ ହୋଇ ସପରିବାର ମା ଦୁର୍ଗାଙ୍କ ପୂଜା ଉପାସନା କରିବା ଏବଂ ମା'ଙ୍କ ପାଖରେ କୃପାଭିକ୍ଷା କରିବା 'ହେ ମା ଏଇ ଅଧମ ସନ୍ତାନକୁ ଶକ୍ତି ଦିଅ, ଏଇ ସୁନ୍ଦର ଜଗତକୁ ଦୁର୍ଗତିରୁ ମୁକ୍ତି ଦିଅ' ।

ଜୟ ମା ଦୁର୍ଗତିନାଶିନୀ ଜୟ ମା ଦୁର୍ଗା ।

ପଶ୍ଚିମ ଓଡ଼ିଶାର୍ ଶ୍ରୀକ୍ଷେତ୍ରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ନବଗୁଞ୍ଜର୍ ରଥଯାତ୍ରା

ବବୁନ ଦଣ୍ଡସେନା

ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର

ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ,ସମ୍ବଲପୁର୍

ପଶ୍ଚିମ ଓଡିଶାର କଳା ସଂସ୍କୃତି ର ଆଦିପୀଠ ରୂପେ ପରିଗଣିତ ହେଉଥିବା ବରଗଡ଼ ଜିଲ୍ଲା ତା'ର ଐତିହ୍ୟ ଓ ବିବିଧ କିମ୍ବଦନ୍ତୀକୁ ନେଇ ସମଗ୍ର ବିଶ୍ୱ ରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ତା' ସହ ବରଗଡ଼ ଜିଲ୍ଲାର ଅନ୍ୟତମ ପରିଚୟ ହେଉଛି ଜଗନ୍ନାଥ ଧର୍ମ ସମନ୍ୱିତ ଏକ ପୁଣ୍ୟ ପୀଠ ହେଉଛି' ପଶ୍ଚିମା*ଳ ଶ୍ରୀକ୍ଷେତ୍ର ' ଭଟଲି ।ଏଇ ପୀଠ କୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବା ଦ୍ୱିତୀୟ ପୁରୀ ରୂପେ ପରିଚିତ । ପୁରୀ ଭଳି ଭଟଲି ଶ୍ରୀକ୍ଷେତ୍ରରେ ମଧ୍ୟ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀ କ୍ଷେତ୍ର ଧାମରେ ନୀଳମାଧବ ରୁ ଶ୍ରୀ ଜଗନ୍ନାଥ ନାମରେ ପୂଜିତ ହେଉଥିବା ହୁଅନ୍ତି । ସାଥୀରେ ଜଗତମାତା ମା ' ସୁଭଦ୍ରା, ବଡ଼ଭାଇ ବଳଭଦ୍ର ଓ ଚକ୍ରରାଜ ସୁଦର୍ଶନଙ୍କୁ ସାଥେ ଧରି ପୁଣ୍ୟ ମହୋଦଧି ତୀରେ ମାନବୀୟ ଲୀଳାଖେଳା କରୁଥାନ୍ତି । ଠିକ୍ ସେହପରି ପଶ୍ଚିମ ଓଡ଼ିଶା ର ଶ୍ରୀକ୍ଷେତ୍ର ଭଟଲି ଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରୁ ଶ୍ରୀ ଦଧିବାମନ ନାମରେ ପୂଜିତ ହୁଅନ୍ତି । ଏକକ ବିଗ୍ରହରେ ଚତୁର୍ଦ୍ଧାଶକ୍ତି ଧରି ଏକକ ବିଗ୍ରହରେ କାହିଁ ଅନାଦିକାଳରୁ ମହାପ୍ରଭୁ ପୂଜିତ ହୋଇଆସୁଛନ୍ତି ।

ସତୀମାନ ସଂରକ୍ଷଣ ଭଣ୍ଡାଗାର ପରିପୂର୍ଣ୍ଣମ୍
ମନ୍ଦିର ସ୍ୱୟଂ ଦହନଂ କମଳା - ମୋକ୍ଷର - କାରଣମ୍
ଅନ୍ନଭୋଗ ବିସର୍ଜନଂ ବିଧର୍ମୀ ଧର୍ମ ଧାରଣମ୍
ଧର୍ମା ଧର୍ମ ସମନ୍ୱିତ ନମାନି ଦଧିବାମନମ୍ ।

୧.ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ରଥଯାତ୍ରା ର ଇତିହାସ:

ଷୋଡ଼ଶ ଶତାବ୍ଦୀରୁ (୧୬୧୭ ଖ୍ରୀଷ୍ଟାବ୍ଦ) ପାଳିତ ହୋଇଆସୁଥିବା ପଶ୍ଚିମଓଡ଼ିଶାର ସବୁଠାରୁ ବଡ଼ ପ୍ରସିଦ୍ଧ ରଥଯାତ୍ରା ଓ ପଶ୍ଚିମଓଡ଼ିଶାର ପ୍ରାଚୀନ ତମ ନବଗୁଞ୍ଜର ରଥଯାତ୍ରା । ଯେତେବେଳେ ଗମନାଗମନର ଏତେ ସୁବିଧା ନଥିକର ।ଲୋକେ ପୁରୁଷୋତମ ଧାମ ପୁରୀକୁ ଯିବାକୁ ସହଜ ସକ୍ଷମ ହେଉନଥିଲା । ସେତେବେଳେ ଭଟଲିକୁ ଲୋକେ ଦ୍ୱିତୀୟ ପୁରୁଷୋତମ , ଦ୍ୱିତୀୟ ଶ୍ରୀକ୍ଷେତ୍ର , ଦ୍ୱିତୀୟ ପୁରୀ ମଣି ଶ୍ରୀ ଦଧିବାମନଙ୍କ ଦର୍ଶନ ଲାଭ କରି ନିଜକୁ ସାର୍ଥକ ମଣୁଥିଲେ ।ଏହି ପବିତ୍ର କ୍ଷେତ୍ର ଦର୍ଶନ ପୁରୀ ଦର୍ଶନ ସହିତ ସମାନ ବୋଲି କାହିଁଅନାଦି କାଳରୁ ଏବେ ମଧ୍ୟ ବିଶ୍ୱାସ କରନ୍ତି ।ଏହି ଶ୍ରୀକ୍ଷେତ୍ରର ମହିମା ସର୍ବଜନ ବିଦିତ । ପୁରୀ ଶ୍ରୀ ଜଗନ୍ନାଥଙ୍କ ସହିତ୍ର ଭଟଲିର ଶ୍ରୀ ଦଧିବାମନଙ୍କ ପ୍ରତ୍ୟକ୍ଷ ସମ୍ପର୍କ ରହିଛି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ୧୬୧୭ ଖ୍ରୀଷ୍ଟାବ୍ଦରୁ ଅବିରତ ଭାବେ ଶ୍ରୀ ଦଧିବାମନ ସ୍ୱାମୀଙ୍କ ନନ୍ଦିଘୋଷ ରଥଯାତ୍ରା ହୋଇଆସୁଛି । ଇତିହାସ କୁହେ ପୁରୀ ରେ ରଥଯାତ୍ରା ବନ୍ଦ ହୋଇଥିଲେ ମଧ୍ୟ ଏଇ ପୀଠରେ କେବେ ରଥଯାତ୍ରା ବନ୍ଦ ହୋଇନାହିଁ ।୨୦୨୦ ଓ୨୦୨୧ ମସିହାରେ ମହାପ୍ରଭୁଙ୍କ

ରଥଯାତ୍ରାର ବନ୍ଦ କରାଯାଇଥିଲା ମାନ୍ୟବର ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କରୋନା ମହାମାରୀ ଯୋଗୁଁ ପଶ୍ଚିମ ଓଡ଼ିଶା ଭଟଲି ଶ୍ରୀକ୍ଷେତ୍ର ଇତିହାସରେ କେବଳ ଦୁଇବର୍ଷ ବନ୍ଦ ହୋଇଥିଲା । ସେ ଯାହାବି ହେଉ ଏଇ ପୀଠ ଆଜକୁ ପା*ଶହ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ମହାଆଡ଼ମ୍ବର ସହକାରେ ପଳିଆସୁଛି ବୋଲି ପ୍ରାଚୀନ ତମ ତାଳପତ୍ର ପୋଥୀ ଜଣାଯାଇଛି ।ମାନ୍ୟବର ସୁପ୍ରିକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କରୋନା ମହାମାରୀ ଯୋଗୁଁ ପଶ୍ଚିମଓଡ଼ିଶା ଭଟଲି ଶ୍ରୀକ୍ଷେତ୍ର ଇତିହାସରେ କେବଳ ଦୁଇବର୍ଷ ବନ୍ଦ ହୋଇଥିଲା । ସେ ଯାହାବି ହେଉ ଏଇ ପୀଠ ଆଜକୁ ପାଂଚଶହ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ମହାଆଡ଼ମ୍ବର ସହକାରେ ପଳିଆସୁଛି ବୋଲି ପ୍ରାଚୀନ ତମ ତାଳପତ୍ର ପୋଥୀ ଜଣାଯାଇଛି ।

୨.ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଉତ୍ପତ୍ତି :

ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ରୂପେ ଅଭିହିତ ବରଗଡ଼ ଜିଲ୍ଲା ଭଟଲିରେ ରହିଛି ଶ୍ରୀ ଦଧିବାମନଙ୍କ ମନ୍ଦିର । ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ପୂଜା ପାଉଥିବା ବେଳେ ଭଟଲି ଠାରେ ଭଗବାନ ଜଗନ୍ନାଥ ରୁ ଦଧିବାମନ ରୂପରେ ପୂଜା ପାଇଥାନ୍ତି । (ତାହା ପୁଣି ଗୋଟେ ମୂର୍ତିରେ ଚତୁର୍ଦ୍ଧାଶକ୍ତି ପରିବେଷ୍ଟିତ ହୋଇ) ଏହି ମନ୍ଦିରରେ ଭଗବାନ ଓ ଭକ୍ତ ଏକସଙ୍ଗେ ପୂଜା ପାଉଥିବା ମନ୍ଦିର ବିଶ୍ୱରେ ଅନ୍ୟ କୌଣସି ମନ୍ଦିରରେ ଦେଖାଯାଏ ନାହିଁ । ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିରରେ ଯେଉଁପରି ପୂଜା ପାଇଥାନ୍ତି ସେହିପରି ପୂଜାର୍ଚ୍ଚନା ଏଠାରେ ଭଗବାନ ଶ୍ରୀ ଦଧିବାମନ ମନ୍ଦିରରେ କରାଯାଇଥାଏ । ତେବେ ଏହି ପୀଠ ଯେହେତୁ ସ୍ୱୟଂ ମହାପ୍ରଭୁ ଉଭା ହୋଇଥିବାରୁ ନବଳେବର ହୁଏ ନାହିଁ କି ଅନ୍ନ ଭୋଗ କରାଯାଏ ନାହିଁ । ଏଠାରେ କେବଳ ବାଳଭୋଗ ଲଗାଯାଇଥାଏ । କାହିଁ କେଉଁ ଅନାଦି କାଳରୁ ଏଠାରେ ପ୍ରଥମରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା ପାଇ ଆସୁଥିଲେ । କିମ୍ବଦନ୍ତୀ ମୁତାବକ ସମ୍ବଲପୁର ରାଜା ବଳିଆର ସିଂହଙ୍କ ରାଜୁତି ସମୟରେ ଜନୈକ ଭକ୍ତ ପରମାନନ୍ଦ ସାହୁ ଏଠାରେ ଭଗବାନ ଜଗନ୍ନାଥଙ୍କୁ ସ୍ଥାପନ କରି ପୂଜା କରୁଥିଲେ । ତାଙ୍କ ଜ୍ୟେଷ୍ଠ ପୁତ୍ରବଧୂ କମଳା ଭଗବାନଙ୍କୁ ନିଷ୍ଠାର ସହ ଭକ୍ତି କରୁଥିଲେ ଏବଂ ତାଙ୍କ ଶ୍ରୀ ଚରଣରେ ସ୍ଥାନ ପାଇବା ଚାହୁଁଥିଲେ ।

ଥରେ ବିଳମ୍ବିତ ରାତିରେ ଭଗବାନଙ୍କ କୁଡ଼ିଆ ମନ୍ଦିରରେ ନିଆଁ ଲାଗିଯାଇଥିଲା । ଭକ୍ତ କମଳାଙ୍କ କାନକୁ ଭଗବାନଙ୍କର ତ୍ରାହି ତ୍ରାହି ଶବ୍ଦ ଶୁଣାଯାଇଥିଲେ । କମଳା ନିଆଁକୁ ଖାତିର ନ କରି ଭଗବାନ ଜଗନ୍ନାଥଙ୍କ ମୂର୍ତିକୁ ଯାଇ ଧରିପକାଇଥିଲେ ମାତ୍ର। ଆଉ ମନ୍ଦିର ଭିତରୁ ବାହାରି ପାରି ନ ଥିଲେ ଓ ସେଇଠି ଜଳିଯାଇଥିଲେ । ଭକ୍ତଙ୍କ କହିବା ଅନୁସାରେ , ଭଗବାନ ଭକ୍ତ କମଳାଙ୍କୁ ଚରଣାଶ୍ରିତ କରି ତାଙ୍କୁ ଉଦ୍ଧାର କରିଥିଲେ । ପରବର୍ତୀ ସମୟରେ ଭକ୍ତ ପରମାନନ୍ଦଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ ସେହି ଗ୍ରାମ୍ୟରେ ରହିଥିବା ଚକ୍ରତୀର୍ଥ ପୁଷ୍କରିଣୀର ପଙ୍କ ଭିତରେ ମୋର ମୂର୍ତି ଅଛି ଏବଂ ସେହି ମୂର୍ତିକୁ ପୂର୍ବ ସ୍ଥାନରେ ସ୍ଥାପନା କରାଯାଇ ଦଧିବାମନ ନାମରେ ପୂଜାର କରାଯାଉ ଏବଂ ଭକ୍ତ କମଳାଙ୍କୁ ମଧ୍ୟ ଭଗବାନଙ୍କ ଦକ୍ଷିଣ ପାର୍ଶ୍ୱ ରେ ସ୍ଥାପିତ କରି ଏଠାରେ ଭକ୍ତର ଓ ଭଗବାନ ଉଭୟେ ଏକା ସଙ୍ଗେ ପୂଜାପାଇବେ । ସେହିଦିନ ଠାରୁ ଏହି ମନ୍ଦିରରେ ଭଗବାନ ଜଗନ୍ନାଥ ଦଧିବାମନ ରୂପରେ ପୂଜା ପାଇଥାନ୍ତି ଏବଂ ତାଙ୍କର ଭକ୍ତ କମଳା ମଧ୍ୟ ତାଙ୍କ ସହିତ ପୂଜାପାଇଥାନ୍ତି ।

୩. ଭଟଲି ନନ୍ଦିଘୋଷ ରଥର ନିର୍ମାଣ ଶୈଳୀ:

ଶିଳପଶାସ୍ତ୍ରାନୁମୋଦିତ ଓ ପରମ୍ପରା ଅନୁସାରେ ପ୍ରତିବର୍ଷ କେତେ ବିଶେଷ ଅଂଶ ନୂତନ କାଷ୍ଠରେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ଏକକ ରଥ ତିଆରି କରାଯାଇଥାଏ ।ପୁରୀ ନନ୍ଦିଘୋଷ ରଥ ଭଳି ଭଟଲିର ନନ୍ଦିଘୋଷ ରଥର ନିର୍ମାଣ ମଧ୍ୟରେ ପାର୍ଥକ୍ୟ ଏହି ଯେ, ପୁରୀ ନନ୍ଦିଘୋଷ ରଥ ସଂଖ୍ୟା ଷୋଳହ ହେବା ବେଳେ ଭଟଲିର ଦଧିବାମନଙ୍କ ରଥର ଚକ ସଂଖ୍ୟା ଆଠ ।ତେଣୁ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ଭିନ୍ନ ଭିନ୍ନ ହେବା ସ୍ୱାଭାବିକ, ମାତ୍ର ସାଜସଜ୍ଜା ରେ ଉଭୟ ରଥ ଉଚ୍ଚକୋଟୀର । ଶ୍ରୀ ଦଧିବାମନଙ୍କ ନନ୍ଦିଘୋଷ ରଥ ରୌପ୍ୟ ଧାତୁ ନିର୍ମିତ ଅଭୂଷଣରେ ବିଭୂଷିତ । ଉଭୟ ଦେବଙ୍କ ରଥ ନିର୍ମାଣ ସ୍ଥଳ, ପହଣ୍ଡି ବିଜୟ ମାର୍ଗ ଓ ରଥାହୋରଣ ସ୍ଥଳ ମଧ୍ୟରେ ପାର୍ଥକ୍ୟ ଏହି ଯେ, ଭଟଲି ରଥ ନିର୍ମାଣ ଓ ଲକ୍ଷ୍ୟସ୍ଥାନ ତଥା ମାଉସୀ ମା' ମନ୍ଦିର ପାଖରେ ରଥ ନିର୍ମିତ ହୁଏ ଏବଂ ପୁଣି ବିଜୟ ଯାତ୍ରାରେ ଶ୍ରୀ ବିଗ୍ରହଙ୍କୁ କରଦୋଳିରେ ନେଇ ରଥାରୁଢ଼ କରାଯାଏ । ପୁଣି ଦୂରସ୍ଥିତ ବିସ୍ତୃତ (ରଥଦାଣ୍ଡ କଥିତ)କୁ ରଥଟଣା ହୁଏ ।

ଅକ୍ଷୟ ତୃତୀୟା ତିଥିରୁ ଆରମ୍ଭ ହୁଏ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ନିର୍ମାଣ କାର୍ଯ୍ୟ ଶୁଭ ଦିଆଯାଇଥାଏ ବା ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହୋଇଥାଏ । ପୁରୀ ନନ୍ଦିଘୋଷ ରଥ ରେ ୪ ଗୋଟି ଅଶ୍ୱ ରହିଥିବା ବେଳେ ଭଟଲି ଦଧିବାମନ ସ୍ୱାମୀଙ୍କ ନନ୍ଦିଘୋଷ ରଥ ରେ ୨ ଗୋଟି ଅଶ୍ୱ ଖଞ୍ଜା ଯାଇଥାଏ । ପୁରୀ ନନ୍ଦିଘୋଷ ରଥର ଅଶ୍ୱ ମାନଙ୍କ ବର୍ଣ୍ଣ ଶ୍ୱେତ (ଧୋବ) ଭଟଲି ରେ ଏହାର ବ୍ୟତିକ୍ରମ ଦେଖା ଯାଏଥାଏ ଲାଲ ଓ କଳା ବର୍ଣ୍ଣର ଅଶ୍ୱ ରହିଥାନ୍ତି । ମହାପ୍ରଭୁ ଶ୍ରୀ ଦଧିବାମନଙ୍କ ନନ୍ଦିଘୋଷ ରଥ ସମ୍ପୂର୍ଣ୍ଣ ରୂପେ, ବିଶ୍ୱପ୍ରସିଦ୍ଧ ପଶ୍ଚିମଓଡ଼ିଶାର ବାନ୍ଧକଳା ରେ ପରିବେଷ୍ଟିତ ହୋଇଥାଏ, ସମ୍ପୂର୍ଣ୍ଣ ନନ୍ଦିଘୋଷ ରଥ । ଏଇ ରଥକୁ ଭୁଲିଆ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ବଂଶାନୁକ୍ରମେ ଏଇ ବାନ୍ଧକଳା କପଟାଯୋଗାଇଥାଆନ୍ତି ଓ ନିଜେ ସାଜସଜ୍ଜା କରିଥାନ୍ତି ।

ଶ୍ରୀ ଦଧିବାମନ ସ୍ୱାମୀଙ୍କ ରଥର ନାମ 'ନନ୍ଦିଘୋଷ ରଥ'
ମୋଟ ବ୍ୟବହାର କାଷ୍ଠ ସଂଖ୍ୟା ୪୨୨ ଖଣ୍ଡ
ମୋଟ ଚକ ସଂଖ୍ୟା ଆଠ
ରଥର ଅକ୍ଷ ସଂଖ୍ୟା ୪
ପ୍ରତି ଚକର ଉଚ୍ଚତା ସାଢ଼େ ଚାରି ଫୁଟ୍
ରଥ ଦଉଡ଼ି ଶଙ୍ଖଚୂଡ
ରଥର ଉଚ୍ଚତା ୪୧ ଫୁଟ୍
ରଥର ଦୈର୍ଘ୍ୟ ଓ ପ୍ରସ୍ଥ ୨୫ଓ ୨୦
ରଥରେ ବ୍ୟବହୃତ ମୋଟ ଧ୍ୱଜା ସଂଖ୍ୟା ୫୧
ରଥର ପାବଚ୍ଛ ସଂଖ୍ୟା ୮
ଦ୍ୱାରପାଳ ଜୟ ଓ ବିଜୟ
ରଥର ଅଶ୍ୱ ନାମ ବଳାହକ ଓ ହରିଦ୍ୱାଶ
ରଥାବରଣ କପଡ଼ା ଲାଲ, କଳା, ହଳଦିଆ ରଙ୍ଗର ପାଟ ବସ୍ତ୍ର
ରଥ ପତାକାର ଚିହ୍ନ ଗରୁଡ଼
ରଥ ପତାକାର ନାମ ତ୍ରୀଲୋକମୋହିନି
ରଥର ଅସ୍ତ୍ର ଶଙ୍ଖ ଓ ଚକ୍ର

ଭଟଲି ରଥ ଚତଃପାଶ୍ୱର୍ରେ ଦଶାବତାର ପ୍ରତିମା ଦେଖିବାକୁ ମିଳିଥାଏ, ଅନ୍ୟ କୌଣସି ପୀଠ ମାନଙ୍କ ଏପରି ଦେଖିବାକୁ ମିଳିନଥାଏ ,ଏଇ ନବଗୁଞ୍ଜର ରଥଯାତ୍ରାରେ କେବଳ ଶ୍ରୀ ଦଧିବାମନ ମହାପ୍ରଭୁ ଯାତ୍ରା କରିଥାନ୍ତି ପାର୍ଶ୍ୱ ଦେବଦେବୀ ଭାବରେ କେବଳ ଦଶାବତାର ଯାଇଥାନ୍ତି । ରଥର ଉପରି ଅଂଶ କୁ କୁମ୍ଭ କୁହାଯାଇଥାଏ । ତାହା ତିନୋଟି ଭାଗରେ ବିଭକ୍ତ ଏବଂ କଳା, ହଳଦିଆ ,ଓ ନାଲି ରଙ୍ଗ ବିଶିଷ୍ଟ ।ଏହି କୁମ୍ଭ ଗୁଡିକରେ ରୌପ୍ୟ ନିର୍ମିତ ୧୭ ଗୋଟି ସୂର୍ଯ୍ୟ ଓ ୧୩ଟି ଚନ୍ଦ୍ର (ଜହ୍ନ) ଏବଂ ୧୨ ଟି ରୌପ୍ୟ କଳସ ସ୍ଥାପନ କରାହୋଇଥାଏ । ସବା ଉପରେ ମୟୂର ପୁଚ୍ଛ ର ବିରାଟ ଗୁଚ୍ଛ ପରିବେଷ୍ଟିତ ଏକ ବଡ଼ ଚକ୍ରାକୃତି ରୌପ୍ୟ ନୀଳ ଚକ୍ର ଶୋଭା ପାଇଥର୍ଟ ।କୁମ୍ଭ କୁ ଧରିରଖିଥବା ୪ ଟି କାଷ୍ଠ ନିର୍ମିତ ଅଂଶକୁ 'ନାୟିକା' କୁହାଯାଏ, ଯହିଁ ନାଲି ରଙ୍ଗର ନେତ୍ର ଖଞ୍ଜା ଯାଇଥାଏ ।ଏଇ ନନ୍ଦିଘୋଷ ରଥଟି ବିଶ୍ୱର ସମସ୍ତ ରଥ ଠାରୁ ଭିନ୍ନ ଅଟେ ।

୪. ପହଣ୍ଡି ବିଜେ:

ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ରରେ କେଉଁ ଅନାଦି ଅନନ୍ତ କଳା ରୁ ଶ୍ରୀବିଗ୍ରହଙ୍କର ଏହି ପହଣ୍ଡି ହୋଇଛି, ତାହା ଏବେ ମଧ ଅଜ୍ଞାତ ରହିଛି । ମହାପ୍ରଭୁ ଶ୍ରୀ ଦଧିବାମନ ଗୋଟି ପହଣ୍ଡିରେ ଦୀର୍ଘ ତିନି ଘ[। ଧରି ହାତ ଝୁଲା ପହଣ୍ଡିରେ ହଳିହଳି ଆସିଥାନ୍ତି ନନ୍ଦିଘୋଷ ରଥକୁ ରଥାରୁଢ଼ ହେବାକୁ ।

ପହଣ୍ଡି ବିଜୟ ଦର୍ଶନେ ମନ
କରିଥାନ୍ତି ଭିଡ଼ ଭକତ ଜନ
ସ୍ତବ ଭଜନରେ ହୋଇ ମୁଖର
ସମ୍ମାର୍ଜନୀ କରେ ପୋଛନ୍ତି ଦ୍ୱାର ଯେ,
ନେତାଙ୍କ ଛେରା ପହରା
ସ୍ୱେଦ ନିବାରଣୀ ଆଲଟ ଚାମର
ଚନ୍ଦ୍ରାତପ ତଳେ ଦାଧିବାମନ
ମନ୍ଥର ଗତିରେ କରି ଗମନ
ଦୋଳୁଥାନ୍ତି ଦୋଳି ପୁରୋଧା କରେ
ହାସ୍ୟମଲ୍ଲି ଫୁଟେ ଚାରୁ ଆସ୍ୟରେ ଯେ,
ହରଷା ଚକାନୟନେ
ପତିତ ଜନଙ୍କୁ କରନ୍ତି ଉଦ୍ଧାର
କରି ଆଶିଷ ଝରଣ ।
(ବାଣୀ କଲ୍ଲୋଳିନୀ)

୫. ଛେରାପହଁରା:

ଶ୍ରୀ ଗୁଣ୍ଡିଚା ବାହୁଡ଼ା ଯାତ୍ରାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି ଗ୍ରାମ୍ୟ ର ମୁଖ୍ୟ ଗୌଡଁନ୍ତିଆ ବା ରାଜ୍ୟର ମୁଖ୍ୟଙ୍କ ଛେରାପହଁରା ବିଶେଷଧରଣ ଏକ ସେବା । ଯାହାକି ଗ୍ରାମ୍ୟ ର ବା ଦେଶର ମୁଖ୍ୟ ରାଜା ହିଁ ଏଇ ସେବା କରିଥାନ୍ତି । ଏହି ପୀଠରେ ଗୌଡଁନ୍ତିଆ ଛେରାପହଁରା କରିଥାନ୍ତି ।

୬. ରଥଛୁଆଁ :

ପଶ୍ଚିମ ଓଡ଼ିଶାର ରଥଛୁଆଁ ଗୋଟେ ନିଆରା ଓ ଅଲଗା ପ୍ରକାର ପରମ୍ପରା । ଜନମ ହେଲା ଛୁଆକୁ ଭାତ ଖିଆ ହେଲା ପରଠାରୁ ମନ୍ଦିର ପ୍ରବେଶ ବିଧି ରହିଅଛି । ଏହାଆଗରୁ ରଥିଛୁଆଁ ବିଧି ରହିଅଛି । ସର୍ବ ପ୍ରଥମେ ଏଇ ରଥଛୁଆଁ ପରମ୍ପରା ଏଇ ପୀଠ ଠାରୁ ଆରମ୍ଭ ହୋଇଛି ବୋଲି ଲୋକବିଶ୍ୱାସ ରହିଛି । ରଥଯାତ୍ରା ବେଳେ ଛୁଆମାନଙ୍କୁ ନୂଆ କନା ନୂଆ ଜାମା ପିନ୍ଧାଇ ରଥରୁଢ଼ ବିଗ୍ରହ ଶ୍ରୀ ଦଧିବାମନଙ୍କୁ ପୂର୍ଣ୍ଣ ଭାବରେ ଛୁଇଁବାର ସୁଯୋଗ ଦିଆଯାଇଥାଏ । ଏହା ଦ୍ୱାରା ଶିଶୁର ଭବିଷ୍ୟତ ଉଜ୍ଜଳ ହେବାର ବିଶ୍ୱାସ କରାଯାଇଥାଏ ।

୭. ନାଗରା ବାଦ୍ୟ:

ନାଗରା ବାଦ୍ୟ ତାଳେ ଗଢ଼ିଥାଏ ଶ୍ରୀ ଦଧିବାମନଙ୍କ ରଥ ବିଶ୍ୱରେ ଯେତେକ ସ୍ଥାନରେ ରଥଯାତ୍ରା ହୋଇଥାଏ ସମସ୍ତ ପୀଠ ରେ କେବଳ ହରି ନାମ ଓ ବାଦ୍ୟ ତାଳେ ରଥ ଟଣା ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର ଶ୍ରୀ କ୍ଷେତ୍ରରେ ରଥ ଟଣା ସମୟେ ଏକ ବାଦ୍ୟ ବାଦନ କରାଯାଏ ଯାହାର ନାମ ନାଗରା ବାଦ୍ୟ ବୋଲି କୁହାଯାଏ ।ଏହି ନାଗରା ବାଦ୍ୟ ବାଦନ କେବଳ ଭଟଲି ରଥଯାତ୍ରା ରେ ଦେଖିବାକୁ ମିଳିଥାଏ । ଏଇ ଶ୍ରୀ କ୍ଷେତ୍ରରେ ରଥ ଟଣା ସମୟ ରେ ନାଗରା ବାଦ୍ୟ ବାଦନ ହେଲେ ରଥ ଟଣା ସହଜ ହୁଏ ନଚେତ୍ । ଶ୍ରୀ ଦଧିବାମନ ସ୍ୱାମୀଙ୍କ ନନ୍ଦିଘୋଷ ରଥ ପାଦେ ସୁଦ୍ଧା ଆଗକୁ ବଢ଼ିନଥାଏ

୭. ନାଗରା ବାଦ୍ୟ:

ନାଗରା ବାଦ୍ୟ ତାଳେ ଗଡ଼ିଥାଏ ଶ୍ରୀ ଦଧିବାମନଙ୍କ ରଥ ବିଶ୍ୱରେ ଯେତେକ ସ୍ଥାନରେ ରଥଯାତ୍ରା ହୋଇଥାଏ ସମସ୍ତ ପୀଠ ରେ କେବଳ ହରି ନାମ ଓ ବାଦ୍ୟ ତାଳେ ରଥ ଟଣା ହୋଇଥିବା ବେଳେ ପଶ୍ଚିମ ଓଡ଼ିଶାର ଶ୍ରୀ କ୍ଷେତ୍ରରେ ରଥ ଟଣା ସମୟେ ଏକ ବାଦ୍ୟ ବାଦନ କରାଯାଏ ଯାହାର ନାମ ନାଗରା ବାଦ୍ୟ ବୋଲି କୁହାଯାଏ ।ଏହି ନାଗରା ବାଦ୍ୟ ବାଦନ କେବଳ ଭଟଲି ରଥଯାତ୍ରା ରେ ଦେଖିବାକୁ ମିଳିଥାଏ । ଏଇ ଶ୍ରୀ କ୍ଷେତ୍ରରେ ରଥ ଟଣା ସମୟ ରେ ନାଗରା ବାଦ୍ୟ ବାଦନ ହେଲେ ରଥ ଟଣା ସହଜ ହୁଏ ନଚେତ୍ । ଶ୍ରୀ ଦଧିବାମନ ସ୍ୱାମୀଙ୍କ ନନ୍ଦିଘୋଷ ରଥ ପାଦେ ସୁଦ୍ଧା ଆଗକୁ ବଢ଼ିନଥାଏ ।

୮. ଡାହୁକ ବୋଲି :

ଲୋକବିଶ୍ୱାସ ରହିଛି ଯେ ,ଏଇ ପୁଣ୍ୟ ଶ୍ରୀ କ୍ଷେତ୍ର ପୀଠ ରେ ଅଶ୍ଳୀଳ ବୋଲି ନ ଗଲେ ମହାପ୍ରଭୁ ଶ୍ରୀ ଦଧିବାମନଙ୍କ ରଥ ଗଡ଼ି ନଥାଏ ସେଇଥି ପାଇଁ ଅଶ୍ଳୀଳ ବୋଲି ବୋଳା ଯାଇଥାଏ । ଦୁଇଜଣ ସାରଥୀ ରହିଥାନ୍ତି । ସାରଥୀ ବୋଳୁଥିବା ଅଶ୍ଳୀଳ ବୋଲି କୁ ବିରୋଧ କରାଯାଇଥିବାରୁ କୌଣସି ଅଘଟଣ ଘଟିଥିବାରୁ ପ୍ରତି ବର୍ଷ ରଥ ଟଣା ଆରମ୍ଭରେ ଓ ଶେଷରେ ଅଶ୍ଳୀଳ ବୋଲି ଡକାଯାଇଥାଏ ।

ରଥ ଟଣା ସମୟେ ସାରଥୀର ଡଗଡମାଳି ଗୀତ ତାଳେ ତାଳେ ରଥକୁ ଭକ୍ତ ମାନେ ଟାଣି ନେଇଥାନ୍ତି ।

୯. ଲୋକବିଶ୍ୱାସ:

ପଶ୍ଚିମ ଓଡ଼ିଶାର ଏଇ ପୁଣ୍ୟ ଶ୍ରୀ କ୍ଷେତ୍ର ରେ ଏକ ସୁନ୍ଦର ଲୋକବିଶ୍ୱାସ ରହିଛି ଯେ, ମହାପ୍ରଭୁ ଶ୍ରୀ ଦଧିବାମନଙ୍କ ନନ୍ଦିଘୋଷ ରଥ ଚାରିହାତ ସ୍ୱୟଂ ଆଗକୁ ଗଡ଼ିଯାଇଥାଏ, ଏହା ପରେ ଯାଏଁ ଭଟଲି ଶ୍ରୀ କ୍ଷେତ୍ରରେ ରଥ ଟଣା ଆରମ୍ଭ ହୁଏ । ଏ ଯାଏଁ କେହି ସ୍ୱଚକ୍ଷୁ ରେ ଦେଖିନାହାନ୍ତି କେବଳ ରଥ ଅଟକିଥିବା ସ୍ଥାନ ରେ ବହୁ ଆଗକୁବଢି ଥିବାର ଦେଖିବାକୁ ମିଳେ କିନ୍ତୁ ମହାପ୍ରଭୁଙ୍କ ଲୀଳା କି ମାୟା ଏ ପର୍ଯ୍ୟନ୍ତ କେହି ସଠିକ୍ ରୂପେ ତଥ୍ୟ ଦେଇପାରିନାହାନ୍ତି ।

୧୦. ରଥ ଉପରେ ବିଶେଷ ପୂଜା ଅର୍ଚ୍ଚନା:

ମହାପ୍ରଭୁ ଶ୍ରୀ ଦଧିବାମନ ସ୍ୱାମୀ ନନ୍ଦିଘୋଷ ରଥରେ ଅଧିଷ୍ଠିତ ହୋଇସାରିବା ପରେ ମହାପ୍ରଭୁ ବିଭିନ୍ନ ପ୍ରକାରର ଉପଚାର ପୂଜା ତଥା ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳିତ କରାଯାଏ, ଗଜା ମୁଗ ଭୋଗ ଅର୍ପଣ କରାଯାଇଥାଏ ମହାପ୍ରଭୁଙ୍କୁ । ଦହି,ଗୁଡ଼, ଛେନା ଗଜା ମୁଗ ମୋହନ ଭୋଗ, ମିଷ୍ଟାନ୍ନ, ଗୋପାଳଲ୍ଲଭ ଭୋଗ ରଥ ଉପରେ ଭୋଗ ଅର୍ପଣ କରାଯାଇଥାଏ । ଏହି ପୀଠରେ ସପ୍ତ ଆଳତି ପରମ୍ପରା ରହିଛି । ମାନସିକ ପୂରଣ ହୋଇଥିବା ଭକ୍ତ ମାନେ ସପ୍ତ ଆଳତି ପ୍ରଦାନ କରିଥାନ୍ତି ।

୧୧. ଗମ୍ଭୀରା ବିଜେ:

ନବମୀ ରାତ୍ରରେ ପୋଡ଼ ପିଠା ଅର୍ପଣ ହୁଏ । ଦଶମୀ ତିଥିରେ ବାହୁଡ଼ା ଯାତ୍ରା ହୁଏ । ନନ୍ଦିଘୋଷ ରଥରୁ ଓହ୍ଲାଇଲେ ଆସି ମହାପ୍ରଭୁ ଲେଉଁଟିଥାନ୍ତି ଶ୍ରୀ ମନ୍ଦିରକୁ ପୁରୀ ରେ ମହାପ୍ରଭୁ ଜଗନ୍ନାଥ ୧୩ ଦିନ ପରେ ଶ୍ରୀ ମନ୍ଦିର ପ୍ରବେଶ କରନ୍ତି ବେଳେ ଏଇ ପୀଠ ତାହାର ବ୍ୟତିକ୍ରମ ଦେଖାବୁ ମିଳେ କାରଣ ମହାପ୍ରଭୁ ଶ୍ରୀ ଦଧିବାମନଙ୍କ ଏଇ ନବଗୁଞ୍ଜର ରଥଯାତ୍ରା ଅନ୍ତିମ ପର୍ବ ହେଉଛି ଗମ୍ଭୀରା ବିଜେ ବା ନୀଳାଦ୍ରି ବିଜେ କୁହାଯାଏ । ଯାହା ଦଶମୀ ତିଥିରେ ବା-ହୁଡ଼ା ଯାତ୍ରା ସାରି ମହାପ୍ରଭୁ ହଳି ହଳି ଝୁଲି ଝୁଲି ସିଂହଦ୍ୱାରର ନିକଟତର ହେବା ଜନିତ ମା ' ମହାଲକ୍ଷ୍ମୀ ରାଗରେ କବାଟ କିଳି ଦିଅନ୍ତି ।ମାତ୍ରର ଦେବୀ ମହାଲକ୍ଷ୍ମୀଙ୍କର ବିଗ୍ରହ ବିଷାଦ ଜନିତ କାରଣରୁ ଦ୍ୱାର ଅବରୋଧ ହେବା ଫଳରେ ପ୍ରଭୁଙ୍କ ଗମ୍ଭୀରା ବିଜୟରେ ବ୍ୟାଘତ ଘଟେ । ନାଟକୀୟ ଭଙ୍ଗିରେ ଉଭୟଙ୍କ ଯୁକ୍ତି ତର୍କ ହୁଏ । ଅନ୍ତିମରେ ମହାଲକ୍ଷ୍ମୀ ନିଜର ତ୍ରୁଟି ସ୍ୱୀକାର କରି କ୍ଷମା ଯାଚନା ପୂର୍ବକ ପ୍ରଭୁଙ୍କୁ ସଦାର ଅଭିନ୍ଦନ ଜ୍ଞାପନ କରନ୍ତି । ଶେଷରେ ରସଗୋଲା ଭୋଗ ଲାଗି କରାଯାଏ । ବିଳମ୍ବିତ ରାତ୍ରରେ ଏଇ ଭୋଗ ଲାଗି ହୋଇଥାଏ ।

ମହାପ୍ରଭୁ ଶ୍ରୀ ଦଧିବାମନଙ୍କ କଳିଗୀତ ରୁ ପଦେ ଟିଏ ....

' ଏକାଳେ ଡାକିଲେ କାଳିଆ
ଦ୍ୱାର୍ ଖୋଲ୍ ଗୋ ଲକ୍ଷ୍ମୀ !
ବରଷାରେ ତିନ୍ତି ଯାଇଛୁ
ଆମ୍ଭେ ଭାଇ ଭଉଣୀ ।
ଭିତରୁ କହନ୍ତି କମଳା , ଆଗୋ ରସ ଶେଖର୍ !
କାହା ସଙ୍ଗେ ଥିଲ୍ ଏ ଯାଏ ? ମତେ କରି ଅନ୍ତର୍

୧୨. କିପରି ଯିବେ ଏଇ ପୀଠକୁ :

ଭୁବେଶ୍ୱରଠାରୁ ୩୯୩ କି.ମି. ସମ୍ବଲପୁର ଠାରୁ ୬ ନମ୍ବର ଜାତୀୟ ରାଜପଥରେ ବରଗଡ଼ ଦେଇ ୭୨ . କି.ମି. ବରଗଡ଼ ରୋଡ଼ ରେଳୱେ ଷ୍ଟେସନ ଠାରୁ ମାତ୍ର ୨୨. କିମି ବାଟରେ ମୋଟର ବସରେ ବରଗଡ଼ ଠାରୁ କୋଡ଼ିଏ ପଚିଶ ମିନିଟର ବାଟ ରେ ପଡ଼ିଥାଏ ଏଇ ଐତିହାସିକ ପୀଠ ପଶ୍ଚିମଓଡିଶାର ଶ୍ରୀକ୍ଷେତ୍ର ଭଟଲି ।

୧୨. ଶ୍ରୀ ଦଧିବାମନଙ୍କ ପ୍ରତିମାର ବିଶେଷତ୍ୱ :

ଏହି ପୀଠର ନିଆରା ପରମ୍ପରା ହେଉଛି, ପ୍ରଭୁ ଏଠି ଦଧିବାମନ ରୂପରେ ବାଳ ଭୋଗରେ ସନ୍ତୁଷ୍ଟ ହୋଇ ବାତ୍ସଲ୍ୟ ଲୀଳା ପ୍ରଦର୍ଶନ କରୁଛନ୍ତି । ପଶ୍ଚିମ ଓଡ଼ିଶା ତଥା ଛତିଶଗଡର ଭକ୍ତମାନଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ପାଲଟିଛି ଏହି ଦଧିବାମନ ପୀଠ । ଏବେ ଏହି ପୀଠର ଅଧିକ ପ୍ରଚାର ପ୍ରସାର ଓ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି । ପୀଠରେ ବେସରକାରୀ ସ୍ତରରେ ତାଳପତ୍ର ପୋଥି ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି, ଯେଉଁଠି ରହିଛି ଅନେକ ବିରଳ ପୋଥି । ଏହି ସବୁ ପୋଥିରେ ମଧ୍ୟ ଲୁଚି ରହିଛି ଅନେକ ରହସ୍ୟ । ୧୬୧୭ ଖ୍ରୀଷ୍ଟାବ୍ଦରୁ ଦଧିବାମନଙ୍କର ଲୀଳା ଭଟଲିରେ ପ୍ରକଟିତ ହୋଇଥିବା ବେଳେ ସେହି ଦିନଠାରୁ ମହାପ୍ରଭୁଙ୍କ ରୀତିନୀତି ସୂଚାରୁ ରୂପେ ଚାଲିଆସିଛି ।

ଏହି ଦଧିବାମନ ମନ୍ଦିରର ଆଉ ଏକ ଅନନ୍ୟ କଥା ହେଉଛି ସବୁଠାରେ ଜଗନ୍ନାଥଙ୍କ କାଷ୍ଠ ବିଗ୍ରହ ରହିଥିବା ବେଳେ ଭଟଲି କ୍ଷେତ୍ରରେ ମହାପ୍ରଭୁଙ୍କର ରହିଛି ମଣି ବିଗ୍ରହ । ସେଥିପାଇଁ ଶ୍ରୀକ୍ଷେତ୍ର କିମ୍ବା ଅନ୍ୟ ସ୍ଥାନ ଭଳି ଏଠାରେ ନବକଳେବର ହୁଏ ନାହିଁ । କାରଣ ତାଙ୍କର ଏହି ବିଗ୍ରହ କେଉଁ ଉପାଦାନରେ ଗଢା ତାହା ଆଜି ବି ରହସ୍ୟ । ସତରେ ସେ ଲୀଳାମୟଙ୍କର କେତେ କଣ ଲୀଳା କ୍ଷେତ୍ର ରହିଛି । ଆଉ ସବୁ ଜାଗାରେ ରହିଛି ଅନେକ ରହସ୍ୟ । ଯାହା ଏଇ ସାଧାରଣ ମଣିଷ ପକ୍ଷେ ଜାଣିବା ଅସମ୍ଭବ । ହେଲେ ଏତିକି କହି ହେବ ଭକ୍ତି ଯେଉଁଠି ସେଠି ଏକାକାର ହୁଅନ୍ତି ଭକ୍ତ ଓ ଭଗବାନ ।

ବାସ୍ତବିକ ଭାବେ କହିବାକୁ ଗଲେ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଦଧିବାମନ ଏକ ଓ ଅଭିନ୍ନ । ବାସ୍ତବିକ ସମଗ୍ର ବିଶ୍ୱରେ ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରକୁ ପରିଚିତ କରେଇ ଥାଏ ମହାପ୍ରଭୁ ଶ୍ରୀ ଦଧିବାମନ ସ୍ୱାମୀଙ୍କ ରଥଯାତ୍ରା । ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଯେ ଗୋଟିଏ ମଣିଷ ଜାତି ଏବଂ ଏ ଜାତିର ଠାକୁର ଶ୍ରୀ ଜଗନ୍ନାଥ ଓ ଶ୍ରୀ ଦଧିବାମନ ଭିନ୍ନ ନୁହନ୍ତି ଏକ କେତେକ ନିଆରା ପରମ୍ପରା ଯାହା ଏଇ ପଶ୍ଚିମ ଓଡ଼ିଶାର ଶ୍ରୀ କ୍ଷେତ୍ରରେ ଦେଖିବାକୁ ମିଳିଥାଏ ଯାହାକି ଅନ୍ୟ କୌଣସି ସ୍ଥାନ ରେ ଭଟଲି ପରି ରଥଯାତ୍ରା ଦେଖିବାକୁ ମିଳିନଥାଏ ।

ମୁଁ ଗୋପୀନାଥଙ୍କ ବରଗଛ



ଜ୍ୟୋତି ପ୍ରକାଶ ଦେ
ବାଲେଶ୍ୱର
ଦୂରଭାଷ:୭୨୦୫୭୪୮୩୦୮

ମୁଁ ଗୋଟେ ବରଗଛ । ପାଖ ପାଖି ୧୦୦ ବର୍ଷ ହେବ ଗୋଟେ ପୋଖରୀ କୂଳରେ ଠିଆ ହୋଇଛି । ସମୟଚକ୍ରର କାଳକ୍ରମରେ ମୋର ଆଜି ବୃଦ୍ଧବସ୍ଥା । କିନ୍ତୁ କେବେବି ମୋ ବୃଦ୍ଧାବସ୍ଥାକୁ ନେଇ ମୋ ମନରେ ଦୁଃଖ ନାହିଁ । ଆଜି ବି ମୋରୋ ଶାଖାପ୍ରଶାଖା ତଳେ ଆଶ୍ରୟ ନିଅନ୍ତି ଅନେକ ପ୍ରଯ୍ୟଟକ, କ୍ଲାନ୍ତ ପଥିକ ଏବଂ ଜୀବଜନ୍ତୁମାନେ । ମୁ କାହାକୁ ହୀନ ମାନେ କରେ ନାହିଁ । ସମସ୍ତଙ୍କୁ ସମାନ ନଜରରେ ଦେଖି ଆପଣେଇନିଏ । ଖରାଦିନେ ଛୋଟ ପିଲାମାନେ ଆସି ମୋ ଛାଇ ତଳେ କେତେ କଣ କଥା ହୁଅନ୍ତି ଓ ନିଜ ଖେଳରେ ମଜ ଗୁଲ ହୋଇଯାନ୍ତି । ତାଙ୍କ ଖୁସି ଦେଖି ମୋ ମନ ପ୍ରଫୁଲ୍ଲିତ ହୋଇଯାଏ । ମୁଁ ନିଜକୁ ଧନ୍ୟ ମନେକରେ ଯେ, ଭକ୍ତ ଭାବରେ ବନ୍ଧା ପ୍ରଭୁ ଗୋପୀନାଥ କ୍ଷୀର ଲୁଚାଇ କ୍ଷୀରଚୋରା ଭାବରେ ପ୍ରସିଦ୍ଧି ଲାଭ କରିଥିବା ସ୍ଥାନ ନିକଟରେ ମୋର ଅବସ୍ଥିତି ।



ମୋତେ ନିଜକୁ ଆଶ୍ଚର୍ଯ୍ୟ ଲାଗେ ଯେ , ମୋ ପ୍ରଜାତିର ଭାଇ ମାନଙ୍କ ଠାରୁ ମୁଁ କାହିଁକି ଭିନ୍ନ ? କାହିଁକି ମୋ ପତ୍ର ଆଉ କୌଣସି ବରଗଛର ପତ୍ର ସହିତ ମିଶେନାହିଁ ? ବେଳେ ବେଳେ ମନରେ ପ୍ରଶ୍ନ ଆସେ, 'କଣ ପ୍ରଭୁ କ୍ଷୀରଚୋରା ଗୋପିନାଥଙ୍କର ଏହା ଏକ ଅଲୌକିକ ଶକ୍ତି' ? ହଁ, ମୋ ପତ୍ର ବିଷୟରେ କହିବାକୁ ଭୁଲିଗଲି । ଦେଖିବାକୁ ଏହା ଦୋନା ଆକୃତିର । ଗଛରେ ଥିଲାବେଳେ ଯେପରି ଦୃଶ୍ୟମାନ ହୁଏ ଅନେକ ଗୁଡିକ ଦୋନାରୂପୀ ଫୁଲରେ ମୁଁ ସଜ୍ଜିତ ହୋଇଛି ।



ବେଳେବେଳେ ମନରେ ମୋ ପତ୍ରକୁ ନେଇ ଗର୍ବ ଅନୁଭବ ହୁଏ । ମୋର ଇଚ୍ଛା କଣ କେବେ ଏହି ପତ୍ରରେ ପ୍ରଭୁ କ୍ଷୀରଚୋରାଙ୍କ ପ୍ରସାଦ (ଖିରା)କୁ କେହି ଭକ୍ତ କଣ ସେବନ କରିବେ ନାହିଁ ? ଭାବୁଛି ଏହି ଆଶାଟି ଆଶା ହୋଇ ରହିଯିବ ସବୁଦିନପାଇଁ । ଦୀର୍ଘ ୧୦୦ ବର୍ଷ ଧରି ମୋ ପତ୍ରର ଆକାରର ମହତ୍ୱ କେହି ବୁଝିପାରିଲେନାହିଁ । କାରଣ ..... ମୁଁ ଗୋଟେ ସାମାନ୍ୟ ବରଗଛ ।।। । କେତେଦିନ ବା ବଂଚିବି ? କେତେବେଳେ କେଉଁ ପ୍ରଳୟଙ୍କରୀ ମହାବାତ୍ୟାରେ ମାଟିରେ ମିଶିଯିବି । ହେଲେ ମନରେ ଦୁଃଖ ନାହିଁ । ପ୍ରଭୁ ଗୋପୀନାଥଙ୍କ ପାଦପଦ୍ମରେ ମୁଁ ଅଛି । ଅପେକ୍ଷା..... ମୁଁ ବଂଚିଥିବା ସମୟରେ ମୋ ପତ୍ରର ମହତ୍ୱ କେହି ବୁଝିପାରୁଛନ୍ତି ନା ନାହିଁ ।

ମୁଁ, ବସ୍ତି ପିଲା ଏବଂ ଅଳିଆ

ଚାଳ ଛପର କୁଡ଼ିଆ କେତେ ଗୁଡିଏ କୁ ନେଇ ଛୋଟିଆ ବସ୍ତିଟିଏ । ବସ୍ତିଟିର ନାମ ମେଣ୍ଟାଶୋଳ । ବସ୍ତି ମଝି ଦେଇ ଅତି ସରୁ ରାସ୍ତା ଟିଏ ସିଧା ଲମ୍ବି ଥାଏ ଆମ କଲେଜ ପାଖକୁ , ପ୍ରତିଦିନ ସେହି ରାସ୍ତା ଦେଇ ଆମେ ବସ ରେ ଯିବା ଆସିବା କରୁ । ସବୁଦିନ ମୁଁ ଝରକା ପାଖ ସିଟ ରେ ବସି ବାହାରକୁ ଅନେଇ ଥାଏ , କେତେବେଳେ ଛୋଟ ପିଲାମାନେ ଖେଳୁଥିବାର ଦେଖେ ତୋ କେତେବେଳେ ଲୋକ ଏକଜୁଟ ହୋଇ ଆଳାପ କରିବାର ତୋ କେତେବେଳେ ବସ୍ତି ଲୋକଙ୍କର ପର୍ବପର୍ବାଣିର ନାଚଗୀତ ଚାଲୁଥିବାର ଦେଖେ ତୋ କେତେବେଳେ ଗଞ୍ଜା ଲଢେଇର ଖେଳ ଚାଲିଥିବାର ଦେଖେ ।

ସେଦିନ ଥିଲା ୨୦୧୭ ମସିହା ସେପ୍ଟେମ୍ବର ମାସର ୩ ତାରିଖ । ସମୟ ପ୍ରାୟ ରାତି ୮ ଘଟିକା ୩୦ ମିନିଟ । ସନ୍ଧ୍ୟାର ଅନ୍ତ ଓ ରାତ୍ରିର ଆଗମନର ସମୟ ଚାରିଆଡେ ଅନ୍ଧାରର ଛାୟା , ତା ଭିତରେ କ୍ଷଣ ଆଲୋକ ଆସୁଥାଏ ବସ୍ତି ଗୁଡ଼ିକରୁ କଲେଜରୁ ଫେରିବା ସମୟ ହଟାତ ଆମ ବସଟି ବସ୍ତି ମଝିରେ । ପ୍ରତିଦିନ ପରି ଆଜି ବି ମୁଁ ଝରକା କଡରେ ବସି ଥାଏ ବାହାରକୁ ଅନେଇ । ଆଜି ମୋର ଆଖିରେ ନା ଗୀତ ନାଚର ଉତ୍ସବ ପଡିଲା ନା ଗଞ୍ଜା ଲଢ଼େଇର ଦୃଶ୍ୟ । ଆଜି ମୋ ଆଖି କେବଳ ଗୋଟିଏ ଜାଗାରେ ହିଁ ଅଟକି ଯାଇଥିଲା ।

ରାସ୍ତା କଡରେ ଚାଳ ଛପର ଘର ଟିଏ , ସାମ୍ନାରେ ତାର ଅର୍ଦ୍ଧଭଗ୍ନ ବାରଣ୍ଡାଟିଏ ବର୍ଷା ରାତି ହୋଇ ଥିବାରୁ ଚାରିଆଡେ ପାଣି କାଦୁଅ ଭରି ହୋଇଥିଲା । କୁଡିଆକୁ ଯିବା ଆସିବା ପାଇଁ ସେହି କାଦୁଅ ମଝିରେ ଗୋଟିଏ ଗୋଟିଏ ଇଟା ପକେଇ ରାସ୍ତା ହୋଇଥିଲା ଓ ୧୦୦ ୱାଟ ର ବଲବଟିଏ ଜଳୁଥିଲା ମିଞ୍ଜି ମିଞ୍ଜି ହୋଇ । ଚାରିଆଡେ ଶୁନସାନ ର ଲହରୀ । ସେହି ଅନ୍ଧାର ରାତିର ଶୁନସାନ ଭିତରୁ ଦେଖିଲି ଅତି କୁନି ଝିଅଟିଏ , ଦେଖିକି ଲାଗିଲା ୩ ରୁ ୪ ବର୍ଷ ବୟସ ହୋଇଥିବ । ହାତରେ ଗୋଟିଏ ଛୋଟିଆ ଛିଣ୍ଡା ପହଁରାଟିଏ ଧରିଥାଏ ଓ ଅତି ଯତ୍ନର ସହକାରେ ବାରଣ୍ଡାଟିକୁ ଓଳଉଥାଏ କିଛି ସମୟ ଓଳାଇଲା ପରେ ସେ ପହଁରାଟାକୁ ରଖିଦେଇ ଗୋଟିଏ ଜରି ଆଣି ସେଥିରେ ତାର ସେହି କୁନି ହାତରେ ଅଳିଆ ଗୁଡାକୁ ଉଠାଇ ପୁରାଇଲା । ସେହି ସମୟରେ ନଜର ଆମ କଲେଜ ବସ ଉପରେ ପଡିଲା ,ସାଙ୍ଗେ ସାଙ୍ଗେ ଅଳିଆ ଜରିଟିକୁ ରଖି ଦେଇ ବାରଣ୍ଡା ଆଗକୁ ଦୌଡ଼ି ଆସିଲା ଆଉ ତାର ସେ କୁନି ହାତରେ ଆମକୁ ଟାଟା କଲା , ମୁଖରେ ଥାଏ ସୁନ୍ଦର ହସଟିଏ ତାକୁ ଦେଖି ମୁଁ ବି ଟାଟା କଲି । ଠିକ ସେହି ସମୟରେ ଆମ ବସଟି ଆଗକୁ ବଢ଼ିଲା

ସେଠୁ ହଷ୍ଟେଲ ଆସିଲି ସତ ହେଲେ ତାର ସେହି ଛୋଟିଆ ମୁହଁଟିଏ ମୋ ଆଖି ସାମ୍ନାରେ ନାଚି ବୁଲୁଥାଏ । ସେ ଦୃଶ୍ୟକୁ ମୁଁ ଭୁଲି ପାରୁ ନ ଥାଏ । ଏତେ ଛୋଟ ପିଲାଟିଏ ଯେ କି ଦୁନିଆ ବିଷୟରେ ଅଜ୍ଞ , ସେ କାମଟିକୁ କେତେ ସୁନ୍ଦର ଭାବରେ କରୁଥାଏ । ଜୀଏଭି ଦେଖିବ ଆଶ୍ଚର୍ଯ୍ୟର ସହିତ ଅନେଇ ରହିବ ।

ଆମ ଦେଶର ଅଳିଆ କୁ ସଫା କରିବା ପାଇଁ କେହି ନାହାନ୍ତି ହେଲେ ଦେଶକୁ ଅଳିଆ କରିବା ପାଇଁ ବହୁତ ଜଣ ବାହାରିବେ ଯାହା କଳ୍ପନାର ବାହାରେ । ଦେଶରେ ଅଳିଆ ନାମକ ଯେଉଁ ଦୁର୍ନୀତି , ଭ୍ରଷ୍ଟାଚାର , ଲୁଟପାଟ ବଢ଼ିବାରେ ଲାଗିଛି ତାକୁ ସଫା କରିବା ପାଇଁ କେହି ନାହାନ୍ତି । ଆଜିର ସରକାର କେବଳ ଧନୀ ଲୋକଙ୍କୁ ଧନୀ କରିବାରେ ଲାଗିଛନ୍ତି । ଗରିବ ଉପରେ ନାହିଁ ଉପଯୁକ୍ତ ଦୃଷ୍ଟି ପଡୁଛି ନାହିଁ କିଛି ସଠିକ ପଦକ୍ଷେପ ନିଆଯାଉଛି । ସେଥିପାଇଁ ଅନେକ ଛୋଟ ଛୋଟ ପିଲା ବଡହୋଇ ବେକାରୀ ସମସ୍ୟାର ଶିକାର ହେଉଛନ୍ତି । "ବଣମଲ୍ଲୀ ବଣରେ ଫୁଟି ମଉଳି ଯାଉଛି " । ସେମାନେ ନା ତାଙ୍କର ଜ୍ଞାନକୁ ପ୍ରକାଶ କରିପାରୁଛନ୍ତି ନାହିଁ ଆଗକୁ ବଢି ପାରୁଛନ୍ତି । ଆମେ ବି ସେହି ଛୋଟ ପିଲାଠୁ ଶିଖିବା କଥା , ଯେପରି ସେ ତାର ଘରଟିକୁ ପରିସ୍କାର ରଖିବାରେ ଲାଗିଥିଲା ଅମେବି ସେମିତି ଆମ ଦେଶକୁ ପରିସ୍କାର ରଖିବାରେ ସହାୟକ ହେବା ଉଚିତ ।



ପ୍ରିୟଦର୍ଶିନୀ ନାୟକ, ଭଦ୍ରକ

ବିକାଶ ! ଏକ ଆବିଷ୍କାର ।



ଆୟୁଷ ବଡ଼ାଇ,
ସ୍ନାତକ (ବାଣିଜ୍ୟ)
ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ,ସମ୍ବଲପୁର୍

'ବନ୍ଧୁତା' ହେଉଛି ଏକ ଶବ୍ଦ ଯାହାକୁ ଆମେ ଟଙ୍କା ସହିତ ମାପ କରିପାରିବା ନାହିଁ । ବନ୍ଧୁ, ମିତ୍ର, ସାଙ୍ଗ, ଭାଇ, ଏମାନେ ସମସ୍ତଙ୍କ ଜୀବନରେ ଆସିଥାନ୍ତି । କିନ୍ତୁ ସମସ୍ତେ ଏହି ଶବ୍ଦର ଅର୍ଥ ବୁଝିପାରିବେ ନାହିଁ । ଯଦି ଆମେ ଶବ୍ଦକୋଷ,ଅଭିଧାନରୁ ଏହାର ଅର୍ଥ ଖୋଜିବାକୁ ଯିବା, ତେବେ ଏହାର ଅର୍ଥ ବଦଳିପାରେ, କିନ୍ତୁ ବ୍ୟବହାରିକ ଜୀବନରେ ଏହାର ଅର୍ଥ ଅଲଗା । ଜଣେ ପ୍ରକୃତ ବନ୍ଧୁ ହେଉଛନ୍ତି ଯିଏ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ପାଖରେ ଛିଡା ହୁଏ, ଜୀବନର ପ୍ରତ୍ୟେକ କଠିନ ପରିସ୍ଥିତିରେ ତୁମ ପାଖରେ ଠିଆ ହୁଏ ଏବଂ ତୁମକୁ ସର୍ବୋତମ ବୁ ମନେକରିଥାଏ; ତାଙ୍କୁ ପ୍ରକୃତ ବନ୍ଧୁ କୁହାଯାଏ । ସମସ୍ତେ ଜୀବନରେ ପ୍ରକୃତ ସାଥୀ ଆବଶ୍ୟକ କରନ୍ତି । ପ୍ରକୃତ ବନ୍ଧୁଙ୍କ ସହିତ ଯେତିକି ପ୍ରେମ ଅଛି, ସେଠାରେ ମଧ୍ୟ ଭାବ ର ରାଗ ଏବଂ ଝଗଡ଼ା ଅଛି ।

'ବିକାଶ' ଏହି ଶବ୍ଦ ଟି ର ଅର୍ଥ ଅଭିଧାନ ରେ ଅଲଗା ହେଇପାରେ । କିନ୍ତୁ ଏଠି ବିକାଶ ଏକ ଶିକ୍ଷା ଅନୁଷ୍ଠାନ ଆଟେ । ଗୋଟିଏ ସ୍ଥାନ ଯେଉଁଠି ଆୟୁଷ ନାମକ ପିଲା ଟି ର ଜୀବନ ଏକ ନୂଆ ଦିଗ କୁ ଚାଲିଯାଇଛି । ଏହା ପ୍ରାୟ ଦୁଇ ବର୍ଷ ପୂର୍ବ ର ଘଟଣା । ଆୟୁଷ ନାମକ ଗୋଟିଏ ପିଲା ଯିଏକି ଦଶମ ଶ୍ରେଣୀରେ ପାସ୍ କରିଥିଲା ଏବଂ କଲେଜ କୁ ପ୍ରବେଶ କଲା । ଏକ ଭିନ୍ନ ଦୁନିଆର ସନ୍ଧାନରେ ବହୁତ ବ୍ୟସ୍ତ ଥିଲେ । ଯେଉଁଠାରେ ଭିନ୍ନ ଭିନ୍ନ ବନ୍ଧୁ, ମିତ୍ର,ସାଙ୍ଗ ରହିବେ । ସମସ୍ତ ସ୍ମୃତିକୁ ଛାଡି ନୂତନ ସ୍ମୃତି ସୃଷ୍ଟି କରିବାକୁ ଏକ ଘରୋଇ କଲେଜ ସମ୍ବଲପୁରର ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ।

ଏହା ଜୁନ୍ ,୨୦୧୯ ର ମାସ ଥିଲା । ଏକ ସରକାରୀ ଉଚ୍ଚ ବିଦ୍ୟାଳୟ (ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ, ସମ୍ବଲପୁର) ପାସ୍ କରିବା ପରେ ସେ ଏକ ଭଲ କଲେଜ ଖୋଜୁଥିଲେ । ସେହି ଅଂଚଳ ରେ ଏକ ଜଣା ଶୁଣା ସରକାରୀ କଲେଜ ଟି ଗଙ୍ଗାଧର ମେହେର କଲେଜ ସହିତ ବିଶ୍ୱବିଦ୍ୟାଳୟ ଥିଲା ଯେଉଁଠାରେ ଆଖପାଖ ଜିଲ୍ଲାର ଅନେକ ପିଲା ଅଧ୍ୟୟନ କରିବାକୁ ଆସୁଥିଲେ । ସେହି କଲେଜରେ ପଢ଼ିବା ପାଇଁ ଆୟୁଷ ର ଏକ ସ୍ୱପ୍ନ ଥିଲା କିନ୍ତୁ ଏହା ଏକ ସ୍ୱପ୍ନ ହୋଇଗଲା । ଜୁଲାଇ ମାସରେ ସେ ତାର ନିକଟସ୍ଥ କଲେଜରେ ଆଡମିଶନ କରିଥିଲେ ।ଆଡମିଶନ ହେବାର ମାତ୍ର ଦୁଇ ତିନି ଦିନ ମଧ୍ୟରେ କଲେଜ ଶିକ୍ଷା ଆରମ୍ଭ ହୋଇଥିଲା । ଆୟୁଷ ବର୍ତମାନ ଏକ ନୂତନ ଦୁନିଆରେ ପ୍ରବେଶ କରିବାକୁ ବହୁତ ହତାଶ ହୋଇଥିଲା । କିନ୍ତୁ ଏହି ଦୁଇ ଦିନ କିପରି ଅତିବାହିତ ହୋଇଛି ତାହା ଜଣା ପଡିନାହିଁ ।

ଜୁଲାଇ ୭ ତାରିଖ ଦିନ ଆୟୁଷ ପାଇଁ ଏକ ନୂତନ ସୂର୍ଯ୍ୟ ଉଦୟ ହେଲା । କଲେଜର ପ୍ରଥମ ଦିନ । କନଖିଣ୍ଡା ନାମକ ଏକ ଗାଁ ରୁ ଆଠରୁ ଦଶ ପିଲା ପଢ଼ିବା କୁ ଆସୁଥିଲେ । ଆୟୁଷ; ଅଭିଷେକ ପ୍ରଧାନଙ୍କ(ସିନିୟର)ସହିତ ଘରୁ କଲେଜ ପର୍ଯ୍ୟନ୍ତ ପ୍ରସ୍ତୁତ ଯିବା ଲାଗି ହୋଇଗଲେ । କଲେଜର ଫାଟକ ଭିତରକୁ ଯିବା ପରେ ଆୟୁଷ ତାଙ୍କ ଶ୍ରେଣୀଗୃହରେ ପହଂଚିଲା । ସେଦିନ ସେ କଲେଜ ରୁମ୍ କୁ ସମସ୍ତ ଙ୍କ ପହଂଚିବା ଆଗରୁ ପ୍ରଥମେ ପହଂଚିଥିଲା, ଏହା ପରେ ସମସ୍ତ ପିଲା ଆସିଥିଲେ । ଆୟୁଷ କେବଳ ଭାବୁଥିଲେ ମୁଁ ବର୍ତମାନ କ'ଣ କରିବି ? ମୁଁ କୁଆଡେ ଯିବି ? ମୁଁ କାହା ସହିତ ବନ୍ଧୁ ହେବା ଉଚିତ୍ ? ସାର ,ମ୍ୟାଡାମ୍ ମାନଙ୍କୁ କ'ଣ କହିବି ? ଏବଂ ଆହୁରି ଅନେକ କିଛି ।

ପ୍ରଥମ ଦିନ ,ପ୍ରଥମ ବେଂଚରେ ଶ୍ରେଣୀର ଅଭିଷେକ ପଣ୍ଡା, ସୋହମ୍ ଅଗ୍ରୱାଲ୍ ଏବଂ ଯଶ ଅଗ୍ରବାଲା ନାମକ ତିନି ଲୟା ପିଲା ଥିଲେ । ଏହା ପରେ ଅନ୍ୟ ଅନେକ ପିଲା ଆସିଥିଲେ । ଭୁଲରେ ମୁଁ ତାଙ୍କ ବେଂଚରେ ବସିଥିଲି କାରଣ ସମସ୍ତ ଲୋକ ହଷ୍ଟେଲରେ ରହୁଥିଲେ ଏବଂ ଆୟୁଷର ଗୋଟିଏ ଦିନ ପୂର୍ବରୁ ସେହି କୋଠରୀରେ ବସିଥିଲେ, କାରଣ ପ୍ରଥମ ଦିନରେ ଆୟୁଷ ଡରି କି କଲେଜ କୁ ଆସିନଥିଲା ।ତା'ପରେ ସେମାନଙ୍କ ମଧ୍ୟରୁ ଜଣେ କହିଲା ଯେ ଏହା ଆମର ବେଂଚ, ତୁମେ ଯାଇ ଅନ୍ୟ ବେଂଚରେ ବସ । ସେତେବେଳେ ଆୟୁଷ ହିନ୍ଦୀକୁ ଭଲଭାବେ ଜାଣି ନ ଥିଲା, ତେଣୁ କିଛି ନ କହି ପରେ ସେ ଉଠି ଚାଲିଗଲେ । କ୍ଲାସ ଆରମ୍ଭ ରେ ଶ୍ରେଣୀ ଶିକ୍ଷକ ଶ୍ରୀୟା ମ୍ୟାଡାମ୍ ଆସିଥିଲେ । ସମସ୍ତ ପିଲା ଠିଆ ହୋଇ ଶୁଭ ସକାଳ କହିଲେ । ଏହା ପରେ ଶ୍ରୀୟା ମ୍ୟାଡାମ୍ ସମସ୍ତଙ୍କୁ ଜଣେ ଜଣେ କରି ନିଜର ପରିଚୟ ଦେବାକୁ କହିଥିଲେ । ସମସ୍ତଙ୍କୁ ତୁମର ନାମ କୁହ । ତା'ପରେ ମ୍ୟାଡାମ୍ ଟିକିଏ ଥଟ୍ଟା , ମଜା କରି ତାଙ୍କର ପ୍ରଥମ ଶ୍ରେଣୀ ନେଇଗଲେ ଏବଂ କ୍ଲାସ୍ ସମାପ୍ତ ହେଲା । ତା'ପରେ ଗୋଟିଏ ପରେ ଗୋଟିଏ ସାର୍ ଆସି କ୍ଲାସ ନେଇଗଲେ, ଏହିପରି ଗୋଟିଏ ଦିନ ବିତିଗଲା । ପରଦିନ ଆୟୁଷଙ୍କୁ ପ୍ରାୟ ସମସ୍ତ ଶ୍ରେଣୀର ଲୋକ ମାନ୍ୟତା ଦେଇଥିଲେ । ତା'ପରେ ସେହି ଦିନ ସରକାରୀ ଉଚ୍ଚ ବିଦ୍ୟାଳୟର ସହପାଠୀ ନରେଶ ମେହେର ଆସିଥିଲେ । ବର୍ତମାନ ପ୍ରକୃତ ଖେଳ ଏହା ସହିତ ଆରମ୍ଭ । ଆୟୁଷଙ୍କୁ ବର୍ତମାନ ନୂଆ ବନ୍ଧୁ କରିବାକୁ ପଡିଲା । ଏବଂ ଏହା କେବଳ ଆୟୁଷଙ୍କ ବିଷୟରେ ନୁହେଁ, ସମସ୍ତଙ୍କର କାରଣ ହେଉଛି ସମସ୍ତେ ବିଭିନ୍ନ ଜିଲ୍ଲାରୁ ଅଧ୍ୟୟନ କରିବାକୁ ଆସିଥିଲେ । ସେ ତିରାଜ ରାଜ ନାୟକଙ୍କ ପରି ଅନେକ ନୂତନ ବନ୍ଧୁ ସୃଷ୍ଟି କରିଥିଲେ, ସେହି ସମୟରେ ଅଭିଷେକ ପଣ୍ଡା, ଅଭିଷେକ ମିଶ୍ର, ଅଭୟ ସା, ନରେଶ ମେହେର, ଯଶ, ଆୟୁଷ ପ୍ରଧାନ, ସୌରଭ, ସହେଜାଦ, ଦୀପକ ,ଦୀନେଶ, ସୁଭମ୍, ଆରାଧନା, ପ୍ରଜ୍ଞା, ଆଶା, ଇପ୍ସିତା ଏବଂ ଆହୁରି ଅନେକ କିଛି ଦିନ ମଧ୍ୟରେ ସମସ୍ତ ଙ୍କ ସହ ଗଭୀର ବନ୍ଧୁତା ହେଲା । ପୁରା ବାଣିଜ୍ୟ ବିଭାଗର ସବୁ ସାର ,ମ୍ୟାଡାମ ଭଲ ଭାବରେ ଆୟୁସ କୁ ଜାଣି ପକାଇଲେ । ରାକେଶ ସାର, ସୁଭାଷ ସାର, ଶ୍ରୀୟା ମ୍ୟାଡାମ୍, ଗଣିତ ସାର, ବିପିନ ସାର, ସିକନ୍ ସାର, ଗାଙ୍ଗୁଲି ସାର ଏବଂ ପ୍ରିନ୍ସିପାଲ୍ ସାର ମଧ୍ୟ ।

ଦଶ ବାର ଦିନ ବିତିଗଲା, ତାର ପରେ ୱିକଲୀ ଟେଷ୍ଟ କରାଗଲା ଏବଂ ତା'ପରେ ନିଷ୍ପତି ନିଆଗଲା ଯେ ଶ୍ରେଣୀର ସବୁଠାରୁ ପ୍ରତିଜ୍ଞାକାରୀ ଛାତ୍ର କିଏ । ଏବଂ ସମସ୍ତେ ଜାଣିବାକୁ ପାଇଲେ ଯେ ଶ୍ରେଣୀରେ ତିନୋଟି ଟପ୍ପର ସମାନ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ । କିନ୍ତୁ ଆୟୁଷ ଟପ୍ ୫ ଭିତରରେ ଆସିଆସୁଥିଲା । ତା'ପରେ ଦ୍ୱିତୀୟ, ତୃତୀୟ ଏବଂ ମାସିକ ପରୀକ୍ଷା ଥିଲା ଏବଂ ସେ ପ୍ରଥମ ମାସିକ ଟେଷ୍ଟ ରେ ଟପ୍ ୪ ରେ ଆସିଥିଲେ । ସେହି ସମୟରେ ମେରିଟ୍ ତାଲିକା ଏହିପରି ଥିଲା: ପ୍ରଥମରେ ଆରାଧନା ମହାନ୍ତି, ଦ୍ୱିତୀୟରେ ପ୍ରଜ୍ଞା ପୂଜାରୀ ଏବଂ ତୃତୀୟରେ ଅଭିଷେକ ପଣ୍ଡା ଏବଂ ଚତୁର୍ଥରେ ଆୟୁଷ କିନ୍ତୁ ପଂଚମ ନାମର ନାମ ଅଭୟ ସାର । ଅଭୟ ସା ସୁନ୍ଦରଗଡ ଜିଲ୍ଲାର ବାସିନ୍ଦା ଥିଲେ । ଏହି ଦିନରେ ଆୟୁଷ ଏବଂ ଅଭୟଙ୍କ ମଧ୍ୟରେ ପ୍ରତିଯୋଗିତା ଯୋଗ୍ୟତା ମଧ୍ୟରେ ସମାନ ଥିଲା, ବେଳେବେଳେ ଆୟୁଷ ଏବଂ ବେଳେବେଳେ ଅଭୟ ଚତୁର୍ଥ ସ୍ଥାନରେ ଥିଲା ।

ଏହିପରି ଦୁଇ ମାସ ବିତିଗଲା । ଆଉ ତା'ପରେ ଦିନେ ଆୟୁଷ ଏବଂ ଅଭୟଙ୍କ ମଧ୍ୟରେ କିଛି ବିଷୟରେ ଝଗଡା ହେଲା ଏବଂ ସେହି ଦିନଠାରୁ ଦୁହେଁ ଅନ୍ତରଙ୍ଗ ବନ୍ଧୁ ହେଲେ ଏବଂ ବନ୍ଧୁତ୍ୱ ଗଭୀର ରୁ ଗଭୀର ହେବାକୁ ଲାଗିଲା । ସବୁ ଠିକ୍ ଚାଲିଥିଲା କେବଳ ଏହା ଏକ ଦୁଃଖ ବିଷୟ ଯେ ଆୟୁଷ ଜଣେ ହୋଷ୍ଟେଲର ପରିବର୍ତେ ଏକ ଡେସ୍କଲର ଥିଲା । ତାଙ୍କର ପ୍ରତ୍ୟେକ ବନ୍ଧୁ ହଷ୍ଟେଲରେ ଏକାଠି ରହୁଥିଲେ ଏବଂ ଆୟୁଷ ତାଙ୍କ ଘରେ ରହୁଥିଲେ । ସମସ୍ତ ଙ୍କ ସହ ବେଶୀ ସମୟ ଅତିବାହିତ କରିପାରୁ ନ ଥିଲା ।

ଆୟୁଷ ବାଣିଜ୍ୟ ବିଭାଗ ରେ ପଢୁଥିଲା । ସପ୍ତାହରେ ତିନି ଦିନ, ବିଜ୍ଞାନର ପିଲା ମାନଙ୍କ ସହିତ ବସି ଓଡିଆ କ୍ଲାସ୍ କରୁଥିଲେ ଏବଂ ତାଙ୍କର ଅନେକ ବନ୍ଧୁ ମଧ ଏକାଠି ହେଉଥିଲେ । ବିପିନ ସାର ଆୟୁଷଙ୍କୁ କହିଥିଲେ ଯେ ତୁମେ ସବୁବେଳେ ଆଗ ବେଂଚରେ ବସିବୁ, ତାଙ୍କ ସହିତ ବସି ସବୁ ପାଠ ପଢା କରିବୁ । ବାଣିଜ୍ୟରୁ ପ୍ରାୟ ଆଠରୁ ଦଶ ଜଣ ପିଲା ଆରାଧନା, ପ୍ରଜ୍ଞା, ନରେଶ, ଅଭିଷେକ ମିଶ୍ର, ଶୁଭମ୍ ଓଡିଆ ଶ୍ରେଣୀକୁ ଆସୁଥିଲେ । ବିଜ୍ଞାନ ର ମଧ ବହୁତ୍ ସାଙ୍ଗ ଥିଲେ ଆୟୁଷ ର, ଓଡ଼ିଆ କ୍ଲାସ କରି କରି ସେ ସାର ଙ୍କୁ ଏବଂ ସାର ବି ଭଲ ରେ ଚିହ୍ନି ପକାଇଲେ ।

ଏହା ବାଣିଜ୍ୟର ପିଲାମାନଙ୍କ ପାଇଁ ଆଶୀର୍ବାଦ ସଦୃଶ ଥିଲା, ବୋଧହୁଏ ବିଜ୍ଞାନ ପିଲାମାନଙ୍କ ଭାଗ୍ୟରେ ନଥିଲା । ପ୍ରତ୍ୟେକ ଅସୁବିଧା ଏବଂ ସୁଖ, ଦୁଃଖ ମଧ୍ୟରେ ପ୍ରତ୍ୟେକ ପିଲାଙ୍କ ସହିତ ଠିଆ ହୋଇଥିବା ରାକେଶ କୁମାର ଶର୍ମା ସାର ଏବଂ ଅନ୍ୟ ସାର ଓ ମ୍ୟାଡାମ୍ ମାନେ । ପ୍ରତ୍ୟେକ ଛୋଟ ଅସୁବିଧାରେ ପ୍ରତ୍ୟେକ ପିଲାଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସୁଥିଲେ । ଯଦିଓ ଏହା ମଧ୍ୟରାତ୍ରି ନୁହେଁ । ସୁଭାଷ ମିଶ୍ର ସାର, ସିଦ୍ଧାନ୍ତ ମହାନ୍ତି ସାର, ବିଜନ୍ ସାର, ଶ୍ରୀୟା ମ୍ୟାଡାମ୍, ଗାଙ୍ଗୁଲି ସାର, ବିପିନ ସାର, ବାରିକ୍ ସାର, ସିକାନ୍ ସାରଙ୍କ ପରି ପ୍ରତ୍ୟେକ ବାଣିଜ୍ୟ ଶିକ୍ଷକ ସର୍ବଦା ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରୁଥିଲେ ।

ଆୟୁଷ ସର୍ବଦା ପଣ୍ଡାଙ୍କୁ ତାର ପରାମର୍ଶଦାତା ଭାବରେ ବିବେଚନା କରୁଥିଲ । ମୁସ୍କିଲ୍ ରୁ ମୁସ୍କିଲ ପ୍ରଶ୍ନର ସମାଧାନରେ ସେ ସାହାଯ୍ୟ କରୁଥିଲେ ।

ଏହିପରି ଦୁଇ ବର୍ଷ ବିତିଗଲା । ଏବଂ ଆୟୁଷ ମଧ କଲେଜରୁ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଅଧ୍ୟୟନ ପାଇଁ ଆଗକୁ ଆଗକୁ ବଢ଼ିଗଲା ଏବଂ ନୂଆ ବନ୍ଧୁ ର ତାଲାଶ ରେ ପୁଣି ବାହାରି ଗଲା ।



ଅକ୍ଷୟ ମହାନ୍ତି

(ଖୋକା ଭାଇ)



ଭବିଷ୍ୟତରେ ଯଦି ନିରୁତା କଟିକିଆଙ୍କୁ ନେଇ ସଂକଳନଟିଏ ହୁଏ, କିମ୍ବା ନବାଙ୍କୁରିତ କଟକର ଇତିହାସ କେବେ ଲେଖାଯାଏ ତେବେ ଅକ୍ଷୟ ମହାନ୍ତିଙ୍କ ନାଁ ତ ପ୍ରଥମେ ରହିବ ହିଁ ରହିବ ।

ସଙ୍ଗୀତର ମୁର୍ଚ୍ଛନା ଠାରୁ ଆରମ୍ଭ କରି ସାହିତ୍ୟର ସର୍ଜନା ସବୁଠିଁ ନିଜର ଯାଦୁକରୀ ଦେଖାଇଛନ୍ତି ତଥା ନିଜର ପାରଦର୍ଶିତାକୁ ପ୍ରମାଣ କରିଛନ୍ତି ଖୋକା ଭାଇ । ତାଙ୍କର ଅଦ୍ୱିତୀୟ କଳାକୌଶଳରେ ଓଡ଼ିଆ ସଙ୍ଗୀତରେ ଆସିଥିଲା ଅନେକ ପରିବର୍ତ୍ତନ । ଶବ୍ଦ, ତାଳ, ଲୟ ସହ ସେ ଯୋଡ଼ିଥିଲେ ସଙ୍ଗୀତରେ ସ୍ୱରତନ୍ତ୍ରର ସ୍ୱତନ୍ତ୍ର କମ୍ପନ । କୌଣସି ଯନ୍ତ୍ରର ସାହାଯ୍ୟ ନନେଇ ଶ୍ରୋତାଙ୍କୁ ଚକମା ଦେଇ ଶୁଣେଇଥିଲେ ସାଙ୍ଗିତିକ ଇକୋ-ଇଫେକ୍ଟ । ତତ୍କାଳୀନ ଓଡ଼ିଆ ସଙ୍ଗୀତରେ ତାଙ୍କର ଦଖଲ, କୌଣସି ବିପ୍ଳବ ଠାରୁ କମ୍ ନୁହେଁ ।

ଆଜି ଓଡ଼ିଆ ସଙ୍ଗୀତ ଦିଗହରା । ଓଡ଼ିଆ ଚଳଚିତ୍ର ଜଗତ ରସାତଳଗାମୀ । ଯାନ୍ତ୍ରିକ ପ୍ରାଚୁର୍ଯ୍ୟ ସତ୍ତ୍ୱେ ଶ୍ରୋତା, ଦର୍ଶକଙ୍କ ଅଭାବ । କାରଣ କହିବା ଅନାବଶ୍ୟକ । ଗୋଟିଏ ବାକ୍ୟରେ କହିଲେ, ଅକ୍ଷୟ ବିହୀନ ସଙ୍ଗୀତ ଶିଳ୍ପ । ଗୀତ, କେବଳ ଶବ୍ଦଯୋଡ଼େଇ ନୁହେଁ । ଇଂରାଜୀ, ହିନ୍ଦୀ ଶବ୍ଦକୁ ମିଶାଇ ଅନ୍ତିମ ଶବ୍ଦ ମଧ୍ୟରେ ଯତିପାତ ଘଟାଇ ଗୀତ ଏବଂ ଆଧୁନିକତା ଆଳରେ ଅଟୋଟ୍ୟୁନରର ସାହାଯ୍ୟ ନେଇ ଓ ପଶୁରବ ଫୁତ୍କାରି ସ୍ୱର ସଂଯୋଜନା ତଥା ପ୍ରିଲୋଡ଼େଡ଼ ଓ କମ୍ପ୍ୟୁଟରାଇଜଡ଼ ବାଦ୍ୟ ସମ୍ମିଶ୍ରଣ ଘଟାଇ ସଙ୍ଗୀତ ହେଉଛି ଆଜିର ତଥାକଥିତ ଓଡ଼ିଆ ସଙ୍ଗୀତ । କୁହାଯାଇପାରେ ସାଙ୍ଗିତିକ ଗୁରୁଦ୍ରୋହ, ଯାହାକି ଅକ୍ଷୟ ମହାନ୍ତି ତଥା ତାଙ୍କ ସମସାମୟିକ କତିପୟ ବିଦ୍ୱାଣିଙ୍କ ପରେ ଆରମ୍ଭ ହୋଇଯାଇଛି । ଏ ଅବକ୍ଷୟର ସଫେଇ ଯାହା ହେଉନା କାହିଁକି ଶ୍ରୋତାଙ୍କ ଆଗରେ ସେ ସବୁ ଭିତିହୀନ ।

ସମସାମୟିକ ସାହିତ୍ୟିକ(କବି, କଥାକାର, ପ୍ରାବନ୍ଧିକ)ଙ୍କ ସହ ତୁଳନା କଲେ ଜଣାପଡ଼ିବ ଅକ୍ଷୟ ମହାନ୍ତିଙ୍କ ସୃଷ୍ଟି ହେଉଛି ଅନନ୍ୟ । ସରଳ ଶବ୍ଦବିନ୍ୟାସ, ଦର୍ଶନ, ମନଃସ୍ତତ୍ୱ, ରୋମାଂଚ, ପ୍ରେମ, ପ୍ରଣୟ, ସହ ଅନ୍ତଃଦୃଶ୍ୟ ☒ ଏ ସମସ୍ତ ଆଭୂଷଣ ଭରି ରହିଛି ତାଙ୍କର ପ୍ରତିଟି ଲେଖାରେ, ଯେତେବେଳେ କି ସମସାମୟିକ ସାହିତ୍ୟିକଙ୍କ ଲେଖାରେ ଏକକାଳୀନ ଏ ସମସ୍ତ ମିଳିବା ବିରଳ । କୁହାଯାଇପାରେ ତାଙ୍କ ଲେଖା ହୃଦୟକୁ ଛୁଇଁଲା ଭଳି ପ୍ରାକୃତିକ ତଥା ପ୍ରକୃତିକୁ ଛୁଇଁଲା ଭଳି ହାର୍ଦ୍ଦିକ ।

ସେ ଅନନ୍ୟ, ଅକ୍ଷୟ ଏବଂ ଅଜେୟ । ଶୁଣିଥିଲି ଆଧୁନିକ ଓଡ଼ିଆ ପାଠକଙ୍କର ଯଦି ଶ୍ରେଣୀବିଭାଗ କରାଯାଏ, ତେବେ ମାତ୍ର ଦୁଇଟି ଶ୍ରେଣୀ ହେବ, ଯେଉଁଥିରେ ଅଧେ ହେବେ ଅକ୍ଷୟ ମହାନ୍ତିଙ୍କୁ ପଢ଼ିଥିବା ପାଠକ ଏବଂ ଆର ଅଧକ ହେଉଛନ୍ତି ତାଙ୍କୁ ପଢ଼ି ନଥିବା ପାଠକ । ତାଙ୍କ କବିତାରେ କଲ୍ଲୋଳ, ଗଳ୍ପରେ ଜୀବନ ଏବଂ ସଙ୍ଗୀତରେ ହିଲ୍ଲୋଳ ତାଙ୍କୁ ଅକ୍ଷୟ କରିଛି, ଏମିତି-ସେମିତିରେ ନୁହେଁ ।

କିନ୍ତୁ ପ୍ରଶ୍ନ ଉଠେ ଖୋକା ଭାଇଙ୍କୁ ଶୁଣିଛନ୍ତି ଅନେକ, ପଢ଼ିଛନ୍ତି କେତେ ? ? ଚିହ୍ନିଛନ୍ତି ଅନେକ, ବୁଝିଛନ୍ତି କେତେ ? ? ଜାଣିଛନ୍ତି ଅନେକ, ଜଣେଇଛନ୍ତି କେତେ ? ? ?

ଓଡ଼ିଶା ଖୋକାଭାଇଙ୍କୁ ଭଲପାଏ ନା ନାହିଁ ତା' ତ ସମୟ କହିବ, କିନ୍ତୁ ଏଇଟା ସତ ଖୋକାଭାଇ ଓଡ଼ିଶାକୁ ବହୁତ ଭଲ ପାଉଥିଲେ । କଟକିଆ ଆଦବ କାଇଦାରେ ଘୁରିବୁଲୁଥିବା ଚଇନଫିଟ ଓଡ଼ିଆ ଟୋକାଟା ସାରା ଓଡ଼ିଶା ଭିତରେ କଟକିଆ ମହୋବତ ଦେଖୁଥିଲା, ଆଉ କଟକର ବାଉନ ବଜାର ତେପନ ଗଳିରେ ବାସ୍ନାମାର୍କା ପାନଖାଇ ଓଡ଼ିଆପଣକୁ ଖୋଜୁଥିଲା । କେହି ଗାଳି ଦେଲେ ଗାଇ ଦେଉଥିଲା, ଉଗାଳି ଦେଲେ ଲେଖି ଦେଉଥିଲା ଆଉ କାନ୍ଦିଦେଲେ ଭୁଲେଇ ଦେଉଥିଲା ।

ଖୋକା ଭାଇ ଏବେ ବି ଅଛନ୍ତି । ବିଶ୍ୱାସ ନହେଲେ କାଠଯୋଡ଼ିକୁ ପଚାର, ଗଡ଼ଗଡ଼ିଆ ଡୁଠକୁ ପଚାର, ମାନସିଂପାଟଣାକୁ ପଚାର, ନେହେଲେ କଟକର ଯେ କୌଣସି ବସ୍ତିରେ ନଇଁ ପଡ଼ିଥିବା ଚାଳଘରେ ଗୋଟେ କଣରେ ପଡ଼ି ଖୁଁ ଖୁଁ କାଶୁଥିବା, ସାରା କଟକକୁ ମାପିଥିବା ଅବସରପ୍ରାପ୍ତ ରିକ୍ସାୱାଲାକୁ ପଚାର, ଖୋକାଭାଇ ଏବେ ବି କେଉଁଠି ବସି ଟିପାଖାଡାରେ ଗାରାଉଥିବେ, ନହେଲେ ହାରମୋନିୟମ ବଜାଇ ସୁନ୍ଦରୀଙ୍କ ନିଦ ଭାଙ୍ଗୁଥିବେ । କାରଣ ପ୍ରେମିକ ଓଡ଼ିଆଙ୍କ ମୁରବି, ଅନେଶ୍ୱତ ରାଣୀଙ୍କ ଚିରସବୁଜ ପ୍ରେମିକ ନାଁରେ ବଦନାମ ପ୍ରେମୀ-ବାଦସାହ, ଖୋକାଭାଇ ଓଡ଼ିଶାକୁ ଛାଡ଼ି ରହିବେ କେମିତି ? ?

ଚିରପୂଜ୍ୟ ଖୋକା ଭାଇଙ୍କୁ ଜନ୍ମଦିନରେ ଆମ୍ଭାରୁ ପ୍ରଣାମ ଓ ଶ୍ରଦ୍ଧାଞ୍ଜଳି ।



କୋରାନା ଓ ନିଃସଙ୍ଗତା



ଜ୍ୟୋତିର୍ମୟୀ ଜେନା
ବାଲେଶ୍ୱର

କଥାରେ ଅଛି ଆଲୁଅରେ ଏକା ଚାଲିବାଠୁ ଶହେ ଗୁଣ ଅଧିକା ଭଲ ଅନ୍ଧାରରେ ସହଯାତ୍ରୀ ବା ବନ୍ଧୁ ସହ ଏକାଠି ଚାଲିବ । ବର୍ତମାନ ପରିସ୍ଥିତି କୁ ତୁଳନା କରି ଦେଖିବାକୁ ଗଲେ ଏ ଉକ୍ତିର ଯଥାର୍ଥ ଠିକ ବୁଝି ହୋଇଯାଏ , କାରଣ ବିଗତ ଦୁଇବର୍ଷ ତଳୁ ସୃଷ୍ଟି ହୋଇଥିବା କୋରାନା ମହାମାରୀ ଆଜି ମଣିଷ ସମାଜ କୁ ବାଧ କରିଛି ନିହାତି ଏକାନ୍ତ ବାସ ଓ ସଙ୍ଗ ରୋଧରେ ରହିବାକୁ , ଯାହା ଦ୍ୱାରା ମଣିଷ ଚାରିପାଖରେ ଏକାନ୍ତତା ,ନିଃସଙ୍ଗତା ଓ ଏକାପଣର ଗୋଟେ କୃତିମ ଆବରଣ ସୃଷ୍ଟି ହୋଇଛି । ଆଜି ଏହି ନିଃସଙ୍ଗତା ଏତେ ବଢ଼ି ଯାଇଛି ଯେ କେହି କେହି ଆଜି ନିଜର ବୋଲି ମନେ ହୁଅନ୍ତି ନାହିଁ । ବିଧିର ଏବିଚିତ୍ର ବିଡ଼ମ୍ବନା ଆଗରେ ଆଜି ସବୁ ବର୍ଗର ଶ୍ରେଣୀର ଲୋକେ ଆଜି ଲିଙ୍ଗ ଓ ବୟସ ନିର୍ବିଶେଷରେ ଏକଲା ପଣର ଶିକାର ହୋଇଛନ୍ତି । ଏହି କାରଣ ରୁ ଆଜି ଘରେ ଘରେ ସମସ୍ତେ ଚାପଗ୍ରସ୍ତ ଓ ମାନସିକ ଅଶାନ୍ତିର ଶିକାର ହୋଇଛନ୍ତି । ପୁଣି ତା ଉପରେ ମହାମାରୀ ର ପ୍ରକୋପ ଏତେ ଭୟଙ୍କର ଯେ ନିଜ ଆଖି ସାମ୍ନାରେ ନିଜ ପ୍ରିୟ ପରିଜନ କୁ ହରାଇ ଆଜି ହତବାକ ହୋଇପଡୁଛି । ନିଜର ଆତ୍ମୀୟ ଙ୍କ ବିୟୋଗ ଆଜି ମଣିଷ ସମାଜକୁ ବିଷାଦଗ୍ରସ୍ତ ହେବାକୁ ବାଧ କରିଛି । ନିଜର ପ୍ରିୟଜନଙ୍କ ଆର୍ତଚିତ୍କାର ରେ ଆଜି ମଣିଷର ସବୁ ସ୍ୱପ୍ନର ତାଜମହଲକୁ ଭାଙ୍ଗିରୁଜି ଚୁରମାର ହେଇଯାଇଛି ।

ଖାଲି ସେତିକି ନୁହେଁ ମଣିଷର ଏହି ଏକଲା ପଣର ନିଃସଙ୍ଗତା ତାକୁ ବାଧ କରିଛି ତା ଭିତରେ ଥିବା ହତାଶ କୁ ଜନ୍ମ ଦେବାକୁ , ଯେଉଁଥିପାଇଁ ସେ ଉଗ୍ର ,ହିଂସ୍ର , ଅଭିମାନୀ ଆଉ ଭାବପ୍ରବଣ ହେଇଉଠୁଛି , ସେ ଆଜି ନିଜ ସମସ୍ୟାର ସମାଧାନର ବାଟ ଖୋଜି ପାଉନ । କିଛି ମଣିଷକୁ ତ ଏତେ ଭାରାକ୍ରାନ୍ତ କରିଛି ତା ନିଃସଙ୍ଗତା ଯେ,ସେ ତା'ର ବିଚାରଶକ୍ତି ଓ ବିବେକର ଜ୍ଞାନକୁ ପାଶୋରି ପକାଉଛି ।

ନିଜକୁ ଏକା ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ କେବଳ ତା ପରିଧି ମଧରେ ସଙ୍କୁଚିତ କରିଦେଉଛି । ସେଥିପାଇଁ ତ ଆଜି ସବୁ ସମ୍ପର୍କରେ ଫାଟ ସୃଷ୍ଟି ହେଉଛି ଓ ସବୁ ସମ୍ପର୍କ ଆଜି ରସାତଳଗାମୀ ହବାକୁ ଲାଗିଛି । ସମୁଦ୍ର ଗର୍ଭର ଉତାଳ ଢେଉରେ ଗାଁ ସବୁ ବିଲୀନ ହେଲା ପରି ଆଜି ସବୁ ସମ୍ପର୍କ ସବୁ ମଧ କୋରାନ ର କରାଳ ପ୍ରକୋପରେ ଆଜି ବିଲୀନ ହେବାକୁ ଯାଉଛି ।

ନିଜକୁ ଆଉ ମଣିଷ ସମାଜକୁ ଏ ନିଃସଙ୍ଗତା ରୁ ବାହାର କରିବାକୁ ହେଲେ ସର୍ଭଁକୁ ଗୋଟେ ଗୋଟେ ପାଦ ଆଗକୁ ବଢେଇବାର ଅଛି । ସମୟ ଆଜି ପୁଣି ଥରେ ଆହ୍ୱାନ ଦେଇଛି ପରସ୍ପର ପ୍ରତିଥିବା ସ୍ନେହ ,ପ୍ରେମ ଓ ଆନ୍ତରିକ ସମ୍ପର୍କରେ ଆଜି ଅମୃତ ସିଂଚନ କରିବାକୁ । ତା ହେଲେ ଯାଇ ନିଜ ନିଜ ଭିତରେ ଥିବା ସମ୍ପର୍କର ବୀଜ ଏହି ଅମୃତ ସିଂଚନ କରିବା ଦ୍ୱାରା ଅଙ୍କୁରୋତ୍ପମ ହୋଇ ସୁ ସମ୍ପର୍କ ରୂପକ ମହାଦ୍ରୁମ ରେ ପରିଣତ ହେବ ।ଯଦି ଆମେ ତା ନ କରି ନିଜ ନିଜ ଭିତରେ ଅହଂକାର , ଘୃଣା , ନିଜ ସ୍ୱାର୍ଥ କାରଣରୁ ପରସ୍ପର ସହ ଦୁରେଇ ରହି ନିଃସଙ୍ଗତା ଭିତରକୁ ଠେଲି ହେଇଯିବ , ତା ହେଲେ ଏହାଠୁ ବଡ଼ ଅଭିଶାପ ମଣିଷ ସମାଜ ପାଇଁ ଆଉ କିଛି ବି ହେଇ ନ ପରେ , ଯେଉଁଠି ସେ କେବଳ ନିଜର ନିଃସଙ୍ଗତା କୁ ପାଥେୟ କରି ମାନସିକ ଯନ୍ତ୍ରଣାରେ ଛଟପଟ ହେଲେ ଗୋଟେ ବିରାଟ ବଡ଼ ଅପୂରଣୀୟ କ୍ଷତିର ସାମ୍ନା କରିବ ଆଉ ଯାହାର ଭରଣା କରିବା ଅତ୍ୟନ୍ତ କଷ୍ଟସାପେକ୍ଷ୍ୟ ହେବ ।

ଏ ଜୀବନ ଦୁଇ ଦିନ

ଏ ଜୀବନ ଦୁଇ ଦିନ , ଦିନେ ମରଣ ଦିନେ ଜନମ
ହସିବୁ ଦିନେ କାନ୍ଦିବୁ ଦିନେ
ଦିନେ ମରଣ ଦିନେ ଫେଡ଼ାଣ
ଏ ଜୀବନ ଦୁଇ ଦିନ, ଏ ଜୀବନ ଦୁଇ ଦିନ (୧)
ଜଂଜାଳ ଜାଲରେ ହେଉ ଛଟପଟ
ମାୟା କୁହୁଡରେ ରହି
ପରକୁ ଭାବୁଚୁ ଆପଣାର ବୋଲି
ବଇରୀ ତୋ ନିଜ ଭାଇ
ପାପକୁ ତୋର ଫେଡିବ ଧରମ
ହିସାବ କରି ଦେବୁ ଗୁଣନ (୨)
ଓଁ କାରୁ ଆରମ୍ଭ ହୋଇଥିଲୁ ଧନ
ଓଁ କାରେ ହେବୁ ତୁ ଲୀନ
ଚାରି ହାତ ଜାଗା ମିଳିବନି ତୋତେ
ଚାଲିଗଲା ପରେ ପ୍ରାଣ
ଏ ଜୀବନ ଦୁଇ ଦିନ ଏ ଜୀବନ ଦୁଇ ଦିନ (୩)

ସୁଧାଂଶୁ ଶେଖର ଜେନା

Who am I?

Wind, water and soil are spherical component of my body
4.6 billion year old lady,
Living in tiny galaxy Milky Way named
Tightly hugged weird dark and bloomy adjacent,
Origin of mine still unclear
Big bank and Nebula is sufficient dear?
Child of mine always thrusting to discover
Feeling tired to seeing gloomy behavior,
Losing identity sack of uncanny offspring
Miserable to explain tremendous pain and fear,
Remembering flash back
Story of conceiving on womb,
First Adam and Eve
Gradual other of my seed,
Smiley face with innocent eye
Query to see my entire body extent
In this way started glory of civilization,
By drawing line on my womb I became piece of land
Status of mine had been changed mother to mother land,
Each section of my body now their claim
How strange!! Body became resource,
Now my identity as a country for each
I was unable God to rear your seed,
As a mother only pray realization
Before suffer huge in life.

(Dedicated to Mother Earth)

Still remaining hundreds of mile

Reach near you better half,
I am dying to tell you
How much I love you,
On the way every day
I am seeing dangerous view,
When darkness comes at night
Brings fear of losing life,
Empty stomach tired leg
But still walking to see your face,
Your fantasy seeing gloomy mind
This gives strength to survive,
Lots of fellow died on the road
Now I am in empty company,
Life became pathetic to survive
But your nightingale voice
Making hope with giving bliss,
Parallel to sunrise I am coming
But still remaining hundreds of mile.

(Dedicated to Migrant Workers during lock down)

- Gita Nayak
F.M University

LAWS OF LIFE
WHAT YOU NEED TO KEEP IN MIND

(1) Love is the law of life: All love is expansion,all selfishness is contraction.Love is therefore the only law of life.
He who loves lives, he who is selfish is dying. Therefore,love for loves snake, because it is the low of life, just as you breathe to live.

(2) It's your outlook that matters: It is our own mental attitude, which makes the world what it is for us.Our thoughts make things ugly. The whole world isin our own minds .Learn to see things in the proper light.

(3) World is good is holy and beautiful. If you see something evil, think that you do not understand it in the right light. Throw the burden on yourselves.

(4) It's the way you feel: feel like Christ and you will be a Christ, feel like Buddha and you will be a Buddha. It is feeling that is the life, the strength the validity,without which no amount of intellectual activity can reach god.

(5) Set Yourself Free: The moment I have realised God sitting in the temple of every human body, the moment I stand reverence before every human being and see good in him , that moment I am free from bondage, everything in that binds vanidhes, and I am free.

(6) Don't Play the Blame Game: Condemn none if you can stretch out a helping hand do so. If you cannot, fold your hands bless your brothers, and let them go their won way.

(7) Help Others:If money helps a man to do good to others, it is some value, but if not,it is simple a mass of evil,and the sooner it is got rid of the better.

(8)Uphold Your Ideals: Our duty is to encourage every one in him his struggle to live up to him own highest idea,and striver at the same time to make the ideas s possible to the truth.

(9) Listen to your soul: you have to grow from the inside out. Non can teach you, none can make your spiritual. There is non other teacher but your own soul.

(10) Be Yourself: The greatest religion is to be true to your own nature.Have faith in yourselves.

(11) Nothing is Possible: Never think there is anything impossible for the soul. It is the greatest hereby to think so . If there is sin, this is the only sin to saythat you are weak or others are weak.

(12) You Have The Power: All the powers in the universe are already ours. It is wewho have put our hands before our eyes and cry that it is dark.

(13) Learn Everyday: The goal of mankind is knowledge. Now this knowledge is, inherent in man. No knowledge comes from outside. It is all inside .What we say a man 'knows' should in strict psychological language, be what he 'discovers' or 'unveils', what man 'learns' is really what he discovers by taking the cover off his own soul,which is a mine of infinite knowledge.

मेरा नाम हे पानी

पाहाडो पर मै बनता हूँ
चट्टानो से मै गुजरता हूँ ।
निर्मल और शीतल बनकर,
हजारो की प्यास बुझाता हूँ ।
यही है मेरी कहानी,
मेरा नाम है पानी ।

कई जगहो से मै गुजरता हूँ,
लाखो मुसीबत मे सहता हूँ।
शहर गाँव की गंदगी को मे,
अपने सह लेकर चलता हूँ।
यही है मेरी जिदगानी,
मेरा नाम है पानी।

कोई कहता मुझको गंगा,
कोई कहता मुझको यमुना।
सब करते है मेरी पूजा,
नही है मेरे जैसा कोई दूजा।
बहती हूँ मे होकर मस्तानी,
मेरा नाम है पानी।

खेतो मे सींचा जाता हूँ,
बिजली भी मे बनाता हूँ।
कारखानो मे भी जाती हूँ,
सबके कामो मे आती हूँ।
मे हूँ सबके जीवन की रानी,
मेरा नाम है पानी।

करते है सब मुझको नमन,
चलता हूँ मे होकर मगन।
गिरता हूँ मे बनकर झरना,
नामुमकिन है मुझे बस मे करना।
करता हूँ मे हमेशा मनमानी
मेरा नाम है पानी।

- कृष्णा नमन कुमार
कक्षा – सात, झारसुगुडा

Reminder 5:30 AM

Over the past
I went on writing
Writing some poems
That went on shinning.

Sitting up for themes
Has made me bore
I have to stand
And have to walk miles & more.

Finally with the time
I wrote a beautiful poem
Created from deep of mind
But I lost in my home.

(Tring…….tring sounded the alarm clock)

Oh No! its 5:30am. The time has gone
The reminder I have given is no more
and its done.

I have to go to school
Its very late
But fortunate time cause
Its Sunday &
I continued sleeping
& kept on dreaming
That I said.



Krishna Naman Kumar
Class VII
Jharsuguda

JUST START WITH TWO WORDS "I WILL"

Success is a hard task-master- we know that. Whether it is heading a project, agonizing over that big date coming up. swotting for an examination, planning to pursue a hobby as a career option, appearing for interviews or waiting for a reply from your beloved whom you have just proposed. Success requires us to be focused, disciplined and brave enough to take all its parts. We will have to make conscious life choices starting with our personal habits, our friends, our routine and believing in ourselves.

But if you have determination to make it big, every fear on your mindscape will pale into insignificance. People with wooden legs have danced (Sudha Chandran), kids with a great idea have turned in to money.

Spinner (Sabeer Bhatia),a girl who studies in a Hindi Medium School and barely spoke in English. Own the Miss Universe title (Sushmita Sen) . A small time actress and Journalist won the booker prize(Arundhati Roy) and a gas station attendant became……Dhirubhai Ambani.

All this people have one thing or other than success in common. They dared to be themselves. And then walked unwaveringly towards their goal very focused. When Indira Gandhi had asked little Sushmita what she wanted to be when she grew up, the Delhi School girl had promptly replied "Famous like you". So many people only dream but lack the will to no greater power on earth than human will power.

Think twice before you thrash the very notion (you kidding? Who's afraid? Everyone wants to be successful in whatever they do !) Think again,- look around you. Do you think your peers making the kind of choice that even remotely promise the chance of being unique, of being one of a kind? Because, that's what spells success, or do you see them iook/talk/dress/behave uniformly?

And now take a look at yourself. How often have you wished you look like your role model/favourite rock star/the most admired women in your college /club/office/town? Haven't you often thought how perfect life would be if you were them instead of what you are? Nothing to be ashamed of- hik ,we all think that way at some time or other1!It's ok to aspire, to be like someone better or to want something better out of life.

Wheh is outgrow one set of socially/poltically correct postures, we dive into the next.admistration for someone else with a healthy evaluations of self wroth who realise that each one of us is unique. In glamourous, high-profile fields like public life,entertainment and cricket, there is a natural tendency in very new comer to patten himself on his idol. But later with practice and recognition he develops confidence in his own style.

Hritik used to imitate Michael Jackson in front of a mirror as a child ! Shewag clearly mirrors Sachine . Tony Blair admired Margret Thatcher but he lost no time in asserting his own individuality as Prime-Minister of a multi racial society. Lata Mangeskar used to imitate Noorjahan's style of singing in the late 40's and early 50's.
so you see chances are there that whoever you admire must have drawn inspiration from her own idols.but had they stopped growing, they would never have become somebody of their own right.

Shobha Rath

କନ୍ୟାଦାନ

ଜ୍ଞାନେନ୍ଦ୍ରୀୟ ଦାଶ

-- ୧ --

ବନିତା ଦୁହିତା ଦୁହିକୁଳ ହିତା
ସମାଜର ଏହି ରୀତି ।
ନାରୀଶକ୍ତି ସାଥେ ପ୍ରଗତିର ରଥ
ଗଡ଼ିଥାଏ ନିତିନିତି ।୧।
ଝିଅପୁଅ ଦୁହେଁ ଜୀବନ ମୁଦ୍ରାର
ଏପାଖ ଆଉ ସେପାଖ ।
ପରିବାରେ ସଦା ମିଳାମିଶା ଥିଲେ
ମିଳେ ସିନା ଶାନ୍ତି ସୁଖ ।୨।
ଝିଅ ଜନମ ଯେ ଶାଶୁ ଘରକୁ ତ
ପିତୃକୁଳ କରି ଶୁନ୍ୟ ।
ପରକୁ ଆପଣା କରିବାକୁ ପଡ଼େ
ଦେଇ ତନ ଆଉ ମନ ।୩।
ଶିକ୍ଷାଦୀକ୍ଷା ସାରି ସମୟ ଚକ୍ରରେ
ହାତକୁ ଦି'ହାତ ହୋଇ ।
ନୂଆଁ ପରିବାର ନୂଆଁ ପରିଜନ
ସଂସାର ନିୟମ ଏହି ।୪।
ସମାଜରେ ଯେବେ ଜନ୍ମିଛୁ ସରବେ
ସତ୍ୟ ଏହା ଚିରନ୍ତନ ।
ବିବାହ ବନ୍ଧନ ପରମ କର୍ତବ୍ୟ
ସମାଜ ଦିଏ ଆହ୍ୱାନ ।୫।
ଦାମ୍ପତ୍ୟ ଜୀବନେ ଚଳିବାକୁ ହୁଏ
ଏହା ସାମାଜିକ ପ୍ରଥା ।
ବୈକୁଣ୍ଠ ସମାନ ପରିବାର ସାଥେ
ଚାଲି ଉଚ୍ଚ କରି ମଥା ।୬।

-- ୨ --

ବାପା ମାଆଙ୍କର ଅଳିଅଳି ରତ୍ନ
ବିଜୟିତା ସୁନାମୁହିଁ ।
ଯିବୁ ଶାଶୁଘର ସାର୍ଥକ କରିଣ
ଦୁହିତା ଜନମ ତୁହିଁ ।୭।
ଶାଶୁଘର ତୋର ଅତି ଆପଣାର
ପରିବାରେ ତୋର ନାମ ।
ଲିପିବଦ୍ଧ କରି ହସଖୁସି ଭରେ
ଅର୍ଜିବୁ ସଦା ସୁନାମ ।୮।
ଶାଶୁ ଶ୍ୱଶୁର ତୋ ଚଳନ୍ତି ଠାକୁର
ପୂଜୁଥିବୁ ନିତିନିତି ।
ତାଙ୍କ ଆଶୀର୍ବାଦ ସ୍ନେହ ଶ୍ରଦ୍ଧା ପାଇ
କରିବୁଟି ଅଗ୍ରଗତି ।୯।
ଶାଶୁ ଶ୍ୱଶୁରଙ୍କୁ ଭକ୍ତି ସମ୍ମାନରେ
କରିବୁନି କେବେ ହେଳା ।
ତାଙ୍କ ନିର୍ଦ୍ଦେଶରେ କରୁଥିଲେ କାମ
ହେବୁ ପରିବାରେ ଗେହ୍ଲା ।୧୦।
ଅଜଣା କଥାକୁ ପଚାରି ବୁଝିବୁ
ଦୁହେଁ ତୋର ପିତାମାତା ।
ତାଙ୍କ ପରାମର୍ଶ ତୋ ପାଇଁ ଆଦର୍ଶ
ଅଟନ୍ତି ଭାଗ୍ୟବିଧାତା ।୧୧।
ସେବା କରି ତାଙ୍କ ଅର୍ଜିବୁ ପୂଣ୍ୟ ମାଁ
ଲକ୍ଷ୍ମୀ କୂଳବଧୂ ସାଜି ।
ସୁଖରେ ଦୁଃଖରେ ସହଭାଗୀ ହେବୁ
ହିନ୍ଦୁ ନାରୀ ମନେ ହେଜି ।୧୨।

-- ୩ --

ଦେଢ଼ଶାଶୁ ସାଥେ ଗଈଁମାନେ ତୋର୍
ପୂଜ୍ୟ ସର୍ବଦା ସର୍ବତ୍ର ।
ଯଥାରୀତି ତୁହିଁ ସନ୍ମାନ ଜଣାଇ
ହେବୁ ତାଙ୍କ ପ୍ରିୟପାତ୍ର ।୧୩।
ତାଙ୍କୁ ଭକ୍ତିଭରେ ଆଦର ସତ୍କାରେ
ମାଗୁଥିବୁ ଆଶୀର୍ବାଦ ।
ଗୁରୁଜନେ ସଦା ମୁଣ୍ଡିଆ ମାରିବୁ
ନିର୍ମଳ କରି ତୋ ହୃଦ ।୧୪।
ପିଉସାପିଉସୀ ମଉସାମାଉସୀ
ମାମୁଁ ମାଇଁଙ୍କୁ ପୂଜିବୁ ।
ଆଦର ବେଭାରେ ଆପ୍ୟାୟିତ କରି
ସ୍ନେହଶ୍ରଦ୍ଧା ପ୍ରାପ୍ତ ହେବୁ ।୧୫।
ନନନ୍ଦଦିଅର ଅତି ଆପଣାର
ଦେବୁ ତାଙ୍କୁ ସ୍ନେହଶ୍ରଦ୍ଧା ।
ସୁଖରେ ଦୁଃଖରେ ଭାଗୀଦାର ହେବୁ
ରଖିବୁନି ମନେ ଦ୍ୱିଧା ।୧୬।
ଭଣଜାଭାଣଜୀ ତୋ ହୃଦ ଚନ୍ଦନ
ନୟନ ପିତୁଳା ପରି ।
ସ୍ନେହ ମମତାରେ ବାନ୍ଧି ରଖିଥିବୁ
ସଦା କୋଳାଗ୍ରତ କରି ।୧୭।
ବୁଝୁଥିବୁ ତାଙ୍କ ଅଳି ଅର୍ଦ୍ଧଳିକୁ
ସ୍ନେହବୋଳା ହସ ହସି ।
ମିଠାକଥା କହି ଗେଲ ଆଦରରେ
ରଖୁଥିବୁ ତାଙ୍କୁ ଖୁସି ।୧୮।

-- ୪ --

ସ୍ୱାମୀ ତୋ ନିଜର ଅତି ଆପଣାର
ପୂଜ୍ୟ ପରମ ଈଶ୍ୱର ।
ତାଙ୍କ ସାନ୍ନିଧରେ ବଜ୍ର ହେବ ମାଁ ଗୋ
ତୋ ପ୍ରିୟ ଶଙ୍ଖା ସିନ୍ଦୁର ।୧୯।
ରଜାପୁଅ ରାଜା ସାଥେ ରାଣୀ ଭଳି
ଗଢ଼ିବୁ ସୁନା ସଂସାର ।
ଅର୍ଦ୍ଧାଙ୍ଗିନୀ ସାଜି ଛାଇଭଳି ଥିବୁ
ସାଥୀ ତୋ ଚିର ଦିନର ।୨୦।
ଜୀବନ ତରଙ୍ଗର ଦୁଇ ମଙ୍ଗ ଦୁହେଁ
ସଲଖି ବାହିବ ନାଆ ।
ଦାମ୍ପତ୍ୟ ଜୀବନ ସୁଖମୟ କର
ସାହା ହେବେ ଚଉବାହା ।୨୧।
ବାପାମାଆ ଆଉ ଶାଶୁଶ୍ୱଶୁରଙ୍କୁ
ଦେଇଥିବ ଶୁଭଦୃଷ୍ଟି ।
ସୁଖୀ ପରିବାର ତେବେ ସିନା ହେବ
ବିଧାତାର ଏହି ସୃଷ୍ଟି ।୨୨।
ହିନ୍ଦୁ ସଂସ୍କୃତିକୁ ଭୁଲିବନି କେବେ
ଉଚ୍ଚ ଆମ ପରମ୍ପରା ।
ଉଚ୍ଚ ଶିକ୍ଷା ଲବ୍ଧ ଜ୍ଞାନକୁ ଯେ ତୁମ
ବିଂବ ଜୀବନ ସାରା ।୨୩।
ବୈକୁଣ୍ଠ ସମାନ ଗଢ଼ି ପରିବାର
ଆଦର୍ଶ ମାର୍ଗରେ ଯିବ ।
ପୂଜ୍ୟ ଜନ୍ମଦାତା ଜନ୍ମଦାତ୍ରୀଙ୍କର
ଛାତି କୁଣ୍ଢେମୋଟ ହେବ ।୨୪।

-- ୫ --

ସମୁଦି ମୋହର ସ୍ନେହର ଭଣ୍ଡାର
ସମୁଦୁଣୀ ସ୍ନେହମୟୀ ।
ପୁତ୍ରବଧୁ ହୋଇ ସ୍ନେହ ପାଉଥିବୁ
ଚିରନ୍ତନ କାଳଜୟୀ ।୨୫।
ରାଜାରାଣୀ ପରି ଦାମ୍ପ ୍ୟ ଜୀବନେ
ହେଉଥାଉ ପୁଷ୍ପ ବୃଷ୍ଟି ।
ଝିଅଜୋଇଁଙ୍କୁ ମୋ ହେ ଚକାନୟନ
ଦେଇଥିବ ଶୁଭଦୃଷ୍ଟି ।୨୬।
ଦାଶ ଘର ଝିଅ ମୋ ଗେହ୍ଲା ରତନ
ହେଲୁ ଦାଶ ଘର ବୋହୁ ।
ତୋ ଚଲାପଥରେ ନ ଗଡୁ କା[ା ମାଁ
ସଦା କୁସୁମିତ ହେଉ ।୨୭।
ଦେବଗଡ଼ ଆଉ ହୀରାକୁଦ ସିନା
ଅଟେ ଆମ କର୍ମସ୍ଥଳୀ ।
ବହଳପାଲି ଓ ଡାଲବ ଗ୍ରାମକୁ
ଯିବନାହିଁ କେବେ ଭୁଲି ।୨୮।
ଜୋଇଁ ସାଥେ ଝିଅ ଦେଉଛୁ ବିଦାୟ
ଡେଜି ଆଉ ପିତାମାତା ।
ସୁଖରେ ଶାନ୍ତିରେ ପ୍ରଗତି ଶୀର୍ଷକୁ
ନେବ ହେ ସୃଷ୍ଟିକରତା ।୨୯।
ସ୍ନେହ ସରାଗରେ ଗେଲ ବସରରେ
କଲୁ ଲାଳନପାଳନ ।
ଝିଅ ଜନ୍ମ କରି ପୂଣ୍ୟ ଅର୍ଜିବାକୁ
କରୁଛୁ ମାଁ କନ୍ୟାଦାନ ।୩୦।



ଶ୍ରୀ ଜ୍ଞାନେନ୍ଦ୍ରୀୟ ଦାଶ,
ହୀରାକୁଦ, ସମ୍ବଲପୁର
ମୋବାଇଲ୍ - ୯୮୬୧୬୪୯୬୪୪

ସ୍ନେହ ମମତାର ଖଣି

ବି. ନିରୁପମା - ମାମୁରିଆ, ଛେଣ୍ଡିପଦା, ଅନୁଗୋଳ

ଗୁରୁଙ୍କର ମଧ୍ୟେ ଶ୍ରେଷ୍ଠ ଗୁରୁ ଆମ
ଅଟନ୍ତି ଯେ ପିତା-ମାତା,
ଈଶ୍ୱରଙ୍କର ସେ ଚଳନ୍ତି ପ୍ରତିମା
ଆମରି ଭାଗ୍ୟ ବିଧାତା ।

ତାଙ୍କ ସରି କିଏ ଏଇ ଦୁନିଆରେ
ରହିଅଛି ଆଉ କୁହ,
ଆକାଶଠୁ ଉଚ୍ଚ, ବସୁଧାଠୁ ଭାରୀ
ତୁଳନାରେ ଉଣା ନୁହଁ ।

ଜନନୀ ଜଠରୁ-ଏ ମହୀରେ ଯେବେ
ଆମେ କୁଆଁ ରାବି ପଡୁ,
ତାଙ୍କ ଆଶୀର୍ବାଦ, ସ୍ନେହ,ମମତାରେ
ଧୀରେଧୀରେ ପରା ବଢୁ ।

ବାତ୍ସଲ୍ୟ ମମତା ନିଗାଡ଼ି ମାଆଟି
ପିଆଏ ବକ୍ଷରୁ ସୁଧା,
ତା' ପଣତ ଛାଇ ଥିଲେ ମଥାପରେ
ଝୁଟିଯାଏ ସବୁ ବାଧା ।

ଆମ ଜୀବନର ଆଦ୍ୟଗୁରୁ ସାଜି
ଶିଖାନ୍ତି ସେ ବହୁକିଛି,
ବିପଦେ, ଆପଦେ ସାହା ହୁଅନ୍ତି ସେ
ଦିଅନ୍ତି ଆଶିଷ ଯାଚି ।

ମାଆ ସିନା ସ୍ନେହ-ମମତାର ଖଣି
ଧୈର୍ଯ୍ୟର ପାହାଡ଼ ପିତା,
ଦୁଃଖ, ଦୁର୍ଦ୍ଦିନରେ ଛାତି ଭାରି ଦମ୍ଭ
ଥାଏ ସାରା ଘର ଚିନ୍ତା ।

ତାଙ୍କରି ଆକଟ ନାଲି ଆଖି ପରା
ବତାଏ ଆମକୁ ବାଟ,
ବାଧା-ବିପତିରେ ଅଭୟ ଦିଅଇ
ମଥାପରେ ତାଙ୍କ ହାତ ।

ମୁଣ୍ଡଝାଳ ତୁଣ୍ଡେ ମାରି ଆମପାଇଁ
ଖଟନ୍ତି ଏ ଦୁହେଁ ପରା,
ଶିକ୍ଷା, ଦୀକ୍ଷା ଲାଗି ଅଜାଡ଼ି ଦିଅନ୍ତି
ସଞ୍ଚିତ ଅର୍ଥ ଯେ ସାରା ।

ସମାଜରେ ମଥା-ଟେକି ଚାଲିବାକୁ
ଦିଅନ୍ତି ଯତନେ ଗଢ଼ି,
ସେହି ଋଣ ଆମ ପରେ ଭାରୀ ହୋଇ
ଧୀରେଧୀରେ ଯାଏ ବଢ଼ି ।

ତାଙ୍କ ସେବା, ଭକ୍ତି, ସନମାନ ଯଦି
କରିପାରିବାଟି ଆମେ,
ନିରନ୍ତର ଏହି ଆଶିଷ ପାଇବା
ତାଙ୍କଠାରୁ ପ୍ରତିଦାନେ ।

ଏଇ ପିତା, ମାତା ସନ୍ତୋଷ ହୋଇଲେ
ହରଷ ହୋଇବେ ହରି,
ଖୋଲିଦେବେ ତାଙ୍କ କରୁଣା ଭଣ୍ଡାର
ଆମଲାଗି କୃପାକରି ।

DARKNESS.

In the complete darkness I stand ,
To know what it stands for.
Then I felt something!!
Was it true or false?
The darkness spell the words
That I could feel
But I can't go into it.
Was it all my belief or fear??
I went there to find out
But I couldn't find anything that makes sense out.
I turned around
It spoke to me ,"I m never gonna leave u."
I was afraid
Trying to spell prayers
Den suddenly I woke up.
It was a dream .
Alahs, a dream , I thought.
I was wrong because that was indication for something which I never thought.
The day came soon ,
When I saw that trouble knocking ,
I found nothing but a devil within
Saying me do what they say,
Do what they say.
That day I killed myself
And started to leave with sorrows
And leading me to complete darkness
Where I lost myself.

Miracles happens.
Soon there was a miracle,
That drove close to my future.
Someone beckoning me ,
I was initially afraid
But he was so clear that I can't stop myself from being driven away.
He poured on me a lots of love n happiness ,
Dragging me out of the darkness.
Still I doubt will he always be there.
Yes, he will.
Yes,he will.
My heart whispered.

"No one stays forever",they say.
I want to break that spell.
From the complete darkness to light ,
I travelled with u in my fight.
Heart skips a bit ,
Still hope is all in the fist.

Love me lyk I have never loved,
Hold me lyk I have never hugged,
Let me drown in the ocean of ur love,
Kill others out of jealous.



Amisha Priyadarshini, Bhadrak

ଏକବିଂଶ ଶତାବ୍ଦୀର ପ୍ରଗତିବାଦୀ ମାନବ ସମାଜ

ଜ୍ୟୋତିର୍ମୟୀ ଜେନା
ବାଲେଶ୍ୱର

ସାମ୍ପ୍ରତିକ ସମାଜ ଆଜି ଏକବିଂଶ ଶତାବ୍ଦୀରେ ପାଦ ଦେଇଛି । ଗୋଟିଏ ପରେ ଗୋଟିଏ ଯୁଗର ସୋପାନ ଚଢି ସମାଜ ଆଜି କ୍ଷିପ୍ର ଗତିରେ ଆଗେଇ ଚାଲିଛି । ସଫଳତାର ଶିର୍ଷତମା ସୋପାନରେ ଛିଡା ହୋଇ ଆଜି ସମାଜ ନିଜ ପାରିବ ପଣିଆର ଡିଣ୍ଡିମ ପିଟୁଛି । ନିଜକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଶତ ଚେଷ୍ଟା, ଶତ ଉଦ୍ୟମର ସହର ନେଇ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ କୁଣ୍ଠାବୋଧ କରୁନାହିଁ । ପ୍ରଗତିର ବିକାଶଧାରା ଏତେ ପ୍ରଖର ଆଉ କ୍ଷିପ୍ର ଯେ ପଛକୁ ଫେରି ଚାହିଁବାର ଆଉ ସମୟ ବି ନାହିଁ ।

କିନ୍ତୁ ଏଇ ସବୁ ଭିତରେ କଣ ସତରେ ବେମେ ନିଜକୁ ପ୍ରମାଣ କରିବାକୁ ଯାଇ ନିଜର ନୈତିକତା ଓ ମୂଲ୍ୟବୋଧର ପରିଚୟକୁ ଆଉ ଭୁଲିଯାଉନେ ତ ? ନିଜକୁ ଶ୍ରେଷ୍ଠତ୍ୱ ପ୍ରତିପାଦନ ନିଶାରେ ଆଜି ମନୁଷ୍ୟ ସମାଜ କେଉଁଠିକି ନ କେଉଁଠି ନିଜର ଅସ୍ତିତ୍ୱ ଓ ଆତ୍ମ ସଂଜମତାକୁ ବଳି ପକେଇଦେଉନି ତ ? କଣ ବଞ୍ଚର ସତରେ ଭୁଲିଯାଉନେ ତ ଠିକ ଭୁଲର ବିଚାର ? ନିଜର ବିଚାରଶକ୍ତି, ବୁଦ୍ଧିମତା ଆତ୍ମ ସଂଯମତା, ଅସ୍ତିତ୍ୱର ବଳିଦାନ ଦେଇ କଣ ବଞ୍ଚର ସତରେ ସଫଳତାର ସ୍ୱାଦ ଚାଖିପାରିବ ?

ବିଜ୍ଞାନ,ସୂଚନା ପ୍ରଯୁକ୍ତିବିଦ୍ୟା, କଳା କୌଶଳ, ଜୀବନଶୈଳୀରେ ସବୁ କିଛିରେ ଆଜି ବିଶାଳ ପରିବର୍ତ୍ତନ ହୋଇଛି । ଏ ସବୁର ପ୍ରସାର ଆଜି ଆମକୁ ଏମିତି ଏକ ସ୍ଥାନରେ ପହଁଚି ଯେଉଁଠି କେବଳ ପ୍ରସଂଶା ଓ ସମ୍ମାନ ହିଁ ସାଉଁଟି ହେବ ।କିନ୍ତୁ ଏ ସବୁ ପ୍ରଗତି ଭିତରେ ମନୁଷ୍ୟ ସମାଜ ହଜିଯାଇ, ଆଜି ଯେମିତି ତା ଭିତରୁ ସାମାଜିକତା କୁଆଡେ ଧୀରେ ଧୀରେ ହଜେଇଚାଲିଛି । ସମାଜରେ ଶ୍ରେଷ୍ଠ ପ୍ରାଣୀ ଭାବରେ ଗଣା ହେଉଥିବା ମନୁଷ୍ୟ ଆଜି ଧୀରେ ଧୀରେ ହିଂସ୍ର, ଅମଣିଷ, ନର ଭକ୍ଷକ, ଚରିତ୍ରହୀନ ଓ ପଶୁତୁଲ୍ୟ ହୋଇଯାଇଛି । ପଶୁ ଠାରୁ ବିହୀନ ଆଚରଣ କରୁଛି । ନିଜର ମାନବିକତାକୁ ଆଜି ସମ୍ପୂର୍ଣ ରୂପେ ବିଲୁପ୍ତ କରି ଏକ ପାଗଳ ପ୍ରାୟ ହିଂଶୟ ପ୍ରାଣୀଙ୍କ ଭଳି ଘୁରି ବୁଲୁଚି କାହାକୁ କାଟିବା, ମାରିବା ଓ ଲୁଟିବା ନିଶାରେ ।

ଯେଉଁ ପ୍ରଯୁକ୍ତିବିଦ୍ୟାର ପ୍ରଗତି ଦିନେ ଯାହା ସମାଜ ପାଇଁ ବରଦାନ ଥିଲା ତାହା ଆଜି ଅଭିଶାପ ରୂପେ ପରିଗଣିତ । ତା'ର ପ୍ରୟୋଗ ଆଜି ଭଲଠୁ ବେଶୀ ମନ୍ଦ ପ୍ରୟୋଗ ହେଲା ପରି ମାନେ ହଉଚି । ତା'ର ବୁଦ୍ଧିଆଣୀ ମାୟା ଜାଲରେ ମନୁଷ୍ୟ ଛନ୍ଦି ହୋଇ ମଣିଷ ସମାଜ ଆଜି ଆହୁରି ହିଂସ୍ରରୁ ହିଂସ୍ରତର ଘୃଣ୍ୟରୁ ଘୃଣ୍ୟତର ହୋଇ ଯାଉଛି । ନିଜର ଆଧିପତ୍ୟ ବିସ୍ତାର ପାଇଁ ଯେ କୌଣସି ଘୃଣ୍ୟ , ଅପରାଧିକ କାର୍ଯ୍ୟକଳାପ କରିବାକୁ ସଙ୍କୋଚ ପ୍ରକାଶ କରୁନାହିଁ । ନିଜର ଶ୍ରେଷ୍ଠତ୍ୱ ଯେ କୌଣସି ଉପାୟରେ ଯେ ଜାହିର କରି ପାରିଲା ସେ ନିଜକୁ ସର୍ବଶକ୍ତିମାନ ବୋଲି ବିବେଚନା କରି ଅନ୍ୟକୁ ନତମସ୍ତକ କରି ରଖିବାରେ ଅନବରତ ପ୍ରୟାସ କରିଚାଲିଛି ।


କିନ୍ତୁ ଏସବୁ ସତ୍ତ୍ୱେ ଆଜିବି ମଣିଷ ପଣିଆ , ମାନବିକତା , ନୈତିକତା , ମୂଲ୍ୟବୋଧର ପରିଚୟ ସମ୍ପୂର୍ଣ ରୂପେ ଲୋପ ପାଇନି । ଆଜିବି ଏମିତି ଗୋଷ୍ଠିର ସମାଜ ରହିଛି , ଯିଏ ନିଜର ଅଦମ୍ୟ ସାହସ ଅବିଶ୍ରାନ୍ତ ଚେଷ୍ଟା , ଅସୀମ ଧର୍ଯ୍ୟ ବଳରେ ନିଜ ଆତ୍ମସ୍ୱାଭିମାନ , ସମ୍ମାନ , ଅସ୍ତିତ୍ୱର ବଜାୟ ରଖି ପାରିଛି । ଯଦିଅ ତା ରାସ୍ତା କଳଂକିତ ତଥାପି ସମସ୍ତ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମଣିଷପଣିଆ , ମାନବିକତାକୁ ବଂଚାଇ ରଖିଛି । ନଜକୁ ତିଳ ତିଳ କରି ଜଳୁଛି ସତ କିନ୍ତୁ କେବେବି ହାର ମାନିନି । ସେଥିପାଇଁ ତ ଆଜିବି ମନୁଷ୍ୟ ସମାଜ ନିଜର ମଣିଷପଣିଆ ବଳରେ ସମାଜରେ ଘଟୁଥିବା ଅନ୍ୟାୟ , ଅତ୍ୟାଚାରକୁ ପ୍ରତିହତ କରିବାରେ ଅନବରତ ପ୍ରୟାସ କରୁଛି । ତା'ର ସେହି ପ୍ରୟାସ ଆଜିବି ଆମକୁ ଠିକ ରାସ୍ତାର ଚାଲିବ ପାଇଁ ସବୁବେଳେ ମାର୍ଗଦର୍ଶନ କରାଉଛି ।

ଯେଉଁ ସଭ୍ୟ ସମାଜର ପ୍ରଗତିର ଦ୍ୱାହି ଦେଇ ମଣିଷ ସମାଜ ଗୋଟେ ପରେ ଗୋଟେ ଅପରାଧ କରି ନିଜର ନୈତିକତା , ମୂଲ୍ୟବୋଧକୁ ଖୁର୍ଣ୍ଣ କରି ଚାଲିଛି , ସେଥିପାଇଁ ଦିନେ ନା ଦିନେ ତାକୁ ପଶ୍ଚାତାପ କରିବାକୁ ପଡିବ । କିନ୍ତୁ ସେ ପାପଗ୍ନୀର ଜ୍ୱାଳା ଅଟେ କ୍ଷିପ୍ର ଥିବା ଯେ ତାହା ତାର ସମ୍ପୂର୍ଣ ଅସ୍ତିତ୍ୱକୁ ନିମିଷକେ ଧ୍ୱଂସ କରିଦେବା । ସେତେବେଳେ ହୁଏତ ସମାଜ ଆଶ୍ରିବାଦୀ ନୀତିବାଦୀ ସମାଜକୁ ମନେ ପକାଇବ । ସ୍ୱାର୍ଥର ଚାରିଥାର୍ଥ ନିମନ୍ତେ ଯେଉଁ ନୈତିକତା , ମୂଲ୍ୟବୋଧର କଣ୍ଠରୋଧ କରୁଛି ତାହା ଦିନେ ତାକୁ ମାହାଙ୍ଗା ପଡିବ ମଣିଷ ସମାଜକୁ ।

ତେଣୁ ଆଜି ସମୟ ଆସିଛି ନିଜକୁ ଆତ୍ମସମିକ୍ଷ । କରିବାର , ଉଦାରବାଦ , ମାନବବାଦର ପରିଚୟ ଦେଇ ମାନସିକ ସ୍ତରରେ ଏକ ସୁସ୍ଥ ସମାଜ ଗଠନ କରିବା ସବୁ ବ୍ୟକ୍ତି ବିଶେଷର ମୂଳଲକ୍ଷ୍ୟ ହେବ ଉଚିତ । ନଜ ମାନବିକତାକୁ ମାରି ହୃଦୟହୀନ ପଶୁଙ୍କ ଭଳି ଜୀବନ ଯାପନ କରିବା ପୂର୍ବରୁ ଆତ୍ମ ବିସ୍ଲେସଣ କରିବା ନିହାତି ଆବଶ୍ୟକ , ଯେଉଁଥିରେ ସମାଜର ମଙ୍ଗଳ ଓ ହିତସାଧନ ହୋଇପାରୁଥିବ । ସମାଜର କଲ୍ୟାଣ ବିକାଶଧାରାର ଦ୍ୱିଗୁଣିତ ପ୍ରସାର ହେଉ । ମାନବ ସମାଜ ସଫଳତାର ଶିର୍ଷତମ ସୋପାନରେ ରହି ଏକ ଶ୍ରେଣୀ ବିହୀନ ସମାଜ ଗଠନ ହେଉ , ଏହାହିଁ ସର୍ବପରି , ଉଦାରବାଦ , ମାନବବାଦର ଜୟ ଜୟ କର ହେଉ ଆଉ ସମସ୍ତେ ମୁକ୍ତ ବିହଙ୍ଗ ପରି ଚଳପ୍ରଚଳ କରନ୍ତୁ ଏତିକି କାମନା ଆଜିର ମାନବ ସମାଜ ଠାରୁ ।

ଚିତ୍ରକଳା







UnSeen™
BalaSore

Unseen Balasore

Welcome to Explore













SMARTGEN SOLUTIONS

One Stop Edtech & IT Solutions









Address

Kalidashpur, Near Basanti Mandap
Balasore - 756001

Contact No: 9777229040